୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.57 Bhubaneswar Tuesday April 08 2025 | ୨୭ତମ ବର୍ଷ ସଂଖ୍ୟା-୫୭ ଭୁବନେଶ୍ୱର, ମଙ୍ଗଳବାର, ଅପ୍ରେଲ ୦୮, ୨୦୨୫ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ବିଜେଡି କାହାର: ପାଣ୍ଡିଆନ-ବବିଙ୍କ ପାଖରେ ଦଳୀୟ ପାଣ୍ଠି , ଆକ୍ସନ ନେବାକୁ ନବୀନ ଅକ୍ଷମ

ୱ୍କଫ୍ ବିଲ୍ ପ୍ରସଙ୍ଗରେ ବିଜେଡିରେ ଉଠିଥିବା ଝଡ ଏବେ ଜଟିଳ ହୋଇ ନିର୍ଣ୍ଣାୟକ ମୋଡ ନେବାକୁ ଯାଉଛି । ଏହାସହିତ ବିଜେଡି ଏବେ କାହାର ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଲାଣି । ୱ୍କଫ୍ ବିଲ ପ୍ରସଙ୍ଗରେ ଦଳରେ ଚାଲିଥିବା ବୟାନବାଜି ଓ ଅସ୍ଥିରତାକୁ ସମାପ୍ତ କରିବା ପରିବର୍ତ୍ତ? ନିଜର ଅସହାୟତା ପ୍ରକଟ କଲେଣି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଆଉ ରାଜ୍ୟସଭାରେ ଯାହା ହୋଇଛି ତାଙ୍କର ନିର୍ଦ୍ଦେଶରେ ହୋଇନି ବୋଲି ସେ ପରୋକ୍ଷରେ ମଧ୍ୟ ସ୍ୱୀକାର କରି ଘଟଣାର ଅନୁଧ୍ୟାନ କରିବାର ଭରସା ଦେଇଥିବାରୁ ଦଳରେ ଅସନ୍ତୋଷକୁ ତୀବ୍ର ରୂପ ଧାରଣ କଲାଣି । ସୋମବାର ନବୀନଙ୍କ ଏଭଳି ବୟାନ ପରେ ରାଜ୍ୟସଭାରେ ଦଳୀୟ ସାଂସଦମାନଙ୍କୁ 'ବିବେକାନୁମୋଦିତ' ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ଅନ୍ୟ କେହି ନିର୍ଦ୍ଦେଶ ଦେଇଥିବା ଏକରକମ ସ୍ପଷ୍ଟ ହୋଇଯାଇଛି । ତଥାପି ନବୀନ ଦଳରେ ବଢୁଥିବା ଏଭଳି ଅସ୍ଥିରତାକୁ ପ୍ରଶମିତ କରିବାକୁ କାହିଁକି ନିରବ



ରହିଛନ୍ତି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ କେଉଁଠି ସମସ୍ୟା ରହିଛି ବୋଲି ତାକୁ ନେଇ ଲାଗି ରହିଥିବା ଚର୍ଚ୍ଚା ମଧ୍ୟରେ ବେଶ୍ ଗୁରୁତର ଘଟଣା ସାମ୍ନାକୁ ଆସିଛି । ନବୀନଙ୍କୁ ଅନ୍ଧାରରେ ରଖି ଦଳ ଓ ଦଳୀୟ ପାଣ୍ଠିକୁ ହଡପ ସହ ନିଜ ପତ୍ନୀ ସୁଜାତାଙ୍କୁ ବିଜେଡିର ନେତୃତ୍ୱ ଦେବା ନିମନ୍ତେ ପାଣ୍ଡିଆନ ସୁଚିନ୍ତିତ ଢଙ୍ଗରେ ଏଭଳି ରଣନୀତି କରିଥିବା ସୂଚନା ମିଳିଛି । ନବୀନଙ୍କ ପାଖରେ ଦଳ ନାହିଁ ତେଣୁ ୱ୍କଫ୍ ପ୍ରସଙ୍ଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ସେ ଅକ୍ଷମ ଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି ।

ବିଜେଡି କାହାର ?

ବିଜେଡି ଏବେ କାହାର ଓ କାହା ନିୟନ୍ତ୍ରଣରେ ଅଛି ନବୀନ ପଟ୍ଟନାୟକଙ୍କ ବର୍ତ୍ତମାନର ଆଭିମୁଖ୍ୟ ଓ ଅସହାୟତାକୁ ଦେଖିବା ପରେ ଏଭଳି ପ୍ରଶ୍ନ ଉଠିବା ସ୍ୱାଭାବିକ । ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଆଖିଦୃଶିଆ ସଫଳତା ସହ ପଂଚମଥର ସରକାର ଗଢିବା ପରେପରେ ବିଜେଡିର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଭିକେ ପାଣ୍ଡିଆନ ଓ ତାଙ୍କ ଗୋଷ୍ଠୀଙ୍କ ହାତକୁ ଚାଲିଯାଇଛି । ଦଳରେ କିଏ କ'ଣ କହିବେ, କାହାକୁ କେଉଁ ପଦପଦବୀ ଦିଆଯିବ, କିଏ ଲଢ଼ିବେ ଏପରିକି ପ୍ରତ୍ୟେକ ଛୋଟବଡ ନିଷ୍ପତ୍ତି ପାଣ୍ଡିଆନ ହିଁ ନେଉଥିଲେ । ନବୀନଙ୍କ ବିଶ୍ୱାସ ଜିଣି ଉଭୟ ଦଳ ଓ ସରକାରରେ ପାଣ୍ଡିଆନ ପାଲଟି ଯାଇଥିଲେ ଅଘୋଷିତ ସର୍ବେସର୍ବା । ଆଉ ସେବେଠୁ ନିଜର ତୋଷାମଦକାରୀଙ୍କୁ ବିଭିନ୍ନ ପଦପଦବୀରେ ଥଇଥାନ କରିବାର ଫଳ ତାଙ୍କୁ ଏବେ ମିଳିବାରେ ଲାଗିଛି । ବିଜେଡିର ସଂଖ୍ୟାବଳକୁ ଆଧାର କରି ରାଜ୍ୟସଭା ଭଳି ଗୁରୁତ୍ୱପୂର୍ଣ୍ଣ ଗାରିମାମୟ ସ୍ଥାନକୁ ପାଣ୍ଡିଆନ ନିଜର ପତିଆରା ପ୍ରଦର୍ଶନର ସ୍ଥଳୀ ଭାବେ ବାଛି ନେଇଥିଲେ । କେତେବେଳେ କାହାକୁ ସେଠାରୁ କାଢ଼ି ଆଣିବା ତ ଆଉ କାହାକୁ ଯୋଗ୍ୟତା ନଥାଇ ବି ପଠାଇବାରେ ସକ୍ଷମ ହେଉଥିଲେ । ମାନସ ମଙ୍ଗରାଜ, ଶୁଭାଶିଷ ଖୁଂଟିଆ, ସୁଲତା ଦେଓ ଓ ସନାତନ ବିଶିଙ୍କ ଭଳି ଚରିତ୍ରମାନେ ଏହାର ପ୍ରକୃଷ୍ଟ ଉଦାହରଣ । ନା ଏମାନଙ୍କର ରାଜନୀତିକ ଯୋଗ୍ୟତା ଅଛି ନା ଏମାନେ ରାଜ୍ୟରେ ପ୍ରତିଷ୍ଠିତ ଚେହେରା ।

## ମିଶନଶକ୍ତି: ନବୀନ ଶାସନରେ ମିଳିଥିଲା ଅଧିକାର, ଛଡ଼ାଇ ନେବାକୁ ବସିଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର,୭ ।୪(ପି.ଏନ): ମିଶନ ଶକ୍ତି ମାଆଙ୍କୁ ନ୍ୟାୟ ବଦଳରେ ସେମାନଙ୍କ ଅଧିକାର ଉପରେ ରାଜ୍ୟ ସରକାରଙ୍କ ଶକ୍ତ ପ୍ରହାର । ସଭାପତି ଓ ସମ୍ପାଦନଙ୍କୁ ବାହାର କରି ନୂଆ ସଦସ୍ୟ ନିଯୁକ୍ତ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଘୋଷଣା ପରେ ଲକ୍ଷାଧିକ ମାଆମାନଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହେବାକୁ ଯାଉଛି । ସରକାରଙ୍କ ଏପରି ନିଷ୍ପତ୍ତିରେ ରାଜନୀତିର ଗନ୍ଧ ବାରିଛନ୍ତି ବିରୋଧୀ । ନିଜ ଲୋକଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ତିଆରି କରିବାକୁ ବିଜେପି ସରକାରଙ୍କ ଚକ୍ରାନ୍ତ ବୋଲି ଅଭିଯୋଗ ହୋଇଛି । ସେପଟେ ସ୍ୱୟଂ ସହାୟକ ଗୋଷ୍ଠୀ ନବୀନ ପଟ୍ଟନାୟକ ସରକାର ସମୟରେ ପାଉଥିବା ସୁବିଧାରୁ ବଞ୍ଚିତ ହେବାକୁ ଯାଉଥିବାରୁ ଅସନ୍ତୋଷ ବଢିଛି ।ଅଧିକାର ପାଇଁ ରାଜରାସ୍ତାରେ ଆନ୍ଦୋଳନ କଲେ ମିଶନ ଶକ୍ତି ମାଆ । ସେମାନଙ୍କ ସ୍ୱୟଂ ସହାୟକ ଗୋଷ୍ଠୀକୁ ରାଜନେ?ତିକ ଉଦ୍ଦେଶ୍ୟ ରଖି ଭଙ୍ଗା ଯାଉଥିବା ନେଇ ବାରମ୍ବାର ଅଭିଯୋଗ କରିଛନ୍ତି । ଏନେଇ ବିଭିନ୍ନ ଫୋରମରେ ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି । ଯେଉଁ ନ୍ୟାୟ ଆଶାରେ ସେମାନେ ସରକାରଙ୍କୁ ଭେଟି ଗୁହାରୀ ଜଣାଇଥିଲେ ତାହା ଆଜି ଭାଙ୍ଗି ଚୁରମାର ହୋଇଯାଇଛି । କାରଣ ଉପ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ସେମାନଙ୍କୁ



ପୁଣି ଚୁଲିମୁଣ୍ଡକୁ ଠେଲିବାକୁ ଯାଉଛି । ପୂର୍ବର ସଭାପତି ଓ ସମ୍ପାଦକଙ୍କୁ ବାହାର କରି ନୂଆ ସଦସ୍ୟ ରଖିବାକୁ ଘୋଷଣା ହୋଇଛି । ସେହିପରି ଏଚଖର ଓ ଉଖର, ଇଖରଙ୍କୁ ଜିଲ୍ଲା ଓ ରାଜ୍ୟସ୍ତରରେ ନୂଆ ନିଯୁକ୍ତି ଦିଆଯିବ । ଯେଉଁମାନେ ୨ ଥର ୪ ବର୍ଷରୁ ଅଧିକ ରହିଛନ୍ତି ସେମାନେ ବି ବାହାରିବେ । ସରକାରଙ୍କ ଏପରି ଘୋଷଣା ପରେ ରାଜନେ?ତିକ ବିବାଦ ମୁଣ୍ଡ ଟେକିଛି । ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେପି ସରକାର ମହିଳାଙ୍କୁ ବ୍ୟବହାର କରିବାକୁ ଚାହୁଁଥିବା ଅଭିଯୋଗ କରିଛି ବିଜେଡି । ଯେଉଁ ମହିଳା ଭଲ କାମ କରି ଲକ୍ଷପତି ଦିଦି କରିଛନ୍ତି ସେମାନଙ୍କୁ ଅପମାନ କରିବାକୁ ଏ ଷଡ଼ଯନ୍ତ୍ର । ବିଜେପି ସରକାର ସେମାନଙ୍କୁ ବାହାର କରିଦେଲେ ସେମାନେ କୁଆଡ଼େ ଯିବେ ବୋଲି କଂଗ୍ରେସ ପ୍ରଶ୍ନ କରିଛି । ଆଜି ବି ୭୦ ଲକ୍ଷ ମିଶନ ଶକ୍ତି ମହିଳାଙ୍କୁ ବିଜେପି ସରକାର ଡରୁଛି । ନୂଆ ସରକାର ଆସିବା ପରେ ମିଶନ ଶକ୍ତି ଉପରେ ପ୍ରହାର ହୋଇଥିବାରୁ ମାଆମାନଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ପୂର୍ବ ନବୀନ ପଟ୍ଟନାୟକ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବାକୁ ବିଭିନ୍ନ ପଦବୀରେ ନିଯୁକ୍ତି ସହ ସହାୟତା ଦେଇଥିଲେ । ହେଲେ ବର୍ତ୍ତମାନର ସରକାର ମହିଳାଙ୍କୁ ଆଗକୁ ବଢିବାକୁ ସହାୟତା ବଦଳରେ ଛଟେଇ ଯୋଜନା କରୁଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି ।ମାଆମାନଙ୍କୁ ନେଇ ବି ରାଜନୀତି । ସେମାନଙ୍କୁ ସ୍ୱାବଲମ୍ବୀ କରି ସମାଜରେ ସମ୍ମାନ ଦେଇଥିବା ନବୀନ ସରକାରଙ୍କ ଯୋଜନାକୁ ବର୍ତ୍ତମାନର ସରକାର ବରଦାସ୍ତ କରୁନାହାନ୍ତି କି ? ଏପରି ପ୍ରଶ୍ନ ଏବେ ବିଭିନ୍ନ ମହଲରୁ ଉଠୁଥିବାବେଳେ ସରକାରଙ୍କ ପାଖରେ ନାହିଁ ଏହାର ଜବାବ ।

## ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କଲେ ପ୍ରଫୁଲ୍ଲ ଘଡ଼େଇ

ଭୁବନେଶ୍ୱର,୭ ।୪(ପି.ଏନ): ରାଜ୍ୟସଭାରେ ୱ୍କଫ୍ ବିଲ୍? ସମର୍ଥନରେ ବିଜେଡି ସାଂସଦ ସସ୍ମିତ ପାତ୍ର ଭୋଟ ଦେବା ପରେ ଜୋର ଧରିଛି ବୟାନବାଜି । ଆଜି ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ଘଡ଼?ଇ ବିସ୍ଫୋରକ ବୟାନ ଦେଇଛନ୍ତି ।ସେ କହିଛନ୍ତି, ନବୀନ ବାବୁ ସମସ୍ତଙ୍କ ସାମ୍ନାକୁ ଆସି ଉତ୍ତର ଦେବାର ଆବଶ୍ୟକତା ରହିଛି । ୱ୍କଫ୍ ବିଲକୁ ନେଇ କାହିଁକି ନିଷ୍ପତ୍ତି ବଦଳିଲା, କିଏ ବଦଳାଇଲା, ନବୀନ ସାମ୍ନାକୁ ଆସି ସ୍ପଷ୍ଟ କରିବା ଦରକାର ।ଏହି ଘଟଣାକୁ ନେଇ ବିଜେଡି ବ୍ୟାକ୍? ଫୁଟ୍‌କୁ ଗଲା । ଦଳରେ ଦ୍ୱନ୍ଦ୍ୱ ଦୂର ହେବା ଦରକାର, ବାଦଲ ଦୂର ହେବା ଦରକାର । ପ୍ରକୃତ କଥା କ'ଣ ନବୀନ କହିପାରିବେ, ନବୀନ ସବୁ ଜାଣନ୍ତି ବୋଲି ଆଜି ପ୍ରଫୁଲ ଘଡେଇ କହିଛନ୍ତି ।ସସ୍ମିତ ପାତ୍ର କାହିଁକି ଏଭଳି କଲେ, ତାହା ନବୀନ କହିପାରିବେ। ଏଣୁ ନବୀନ ଦଳ ଲୋକଙ୍କୁ ଓ ରାଜ୍ୟବାସୀଙ୍କୁ ଜଣାଇବା ଉଚିତ ବୋଲି ସେ କହିଛନ୍ତି ।

## ବିଜେଡି ସବୁ ବେଳେ ସଂଖ୍ୟାଲଘୁ ଭାଇଭଉଣୀଙ୍କ ସହ ରହିଛି ଓ ରହିବ: ନବୀନ

ଭୁବନେଶ୍ୱର,୭ ।୪(ପି.ଏନ): ରାଜ୍ୟସଭା ସାଂସଦ ମୁନ୍ନା ଖାଁଙ୍କ ନେତୃତ୍ୱରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଭାଇ ଭଉଣୀ ଆଜି ଅପରାହ୍ନରେ ନବୀନ ନିବାସରେ ବିଜୁ ଜନତା ଦଳ ସଭାପତି ନବୀନ ପଟନାୟକଙ୍କୁ ଭେଟି ୱ୍କଫ ବିଲ୍ ସମ୍ପର୍କରେ ଆଲୋଚନା କରିଥିଲେ । ଏହାପରେ ନବୀନଙ୍କ ପ୍ରତିକ୍ରିୟା ଆସିଛି ।ନବୀନ ସବୁ କଥା ଶୁଣିବା ପରେ କହିଥିଲେ, ବିଜେଡି ସବୁବେଳେ ସଂଖ୍ୟାଲଘୁ ଭାଇ ଭଉଣୀମାନଙ୍କ ସାଥିରେ ରହିଛି ଓ ରହିଥିବ । ସେମାନଙ୍କ ଉନ୍ନତି ପାଇଁ ବିଜେଡି ସରକାର ଅନେକ କାମ କରିଛି । ଧର୍ମ ନିରପେକ୍ଷ ଆଦର୍ଶରେ ବିଜେଡି ଅଟଳ ରହିଛି । ଏହି ଆଦର୍ଶ ପାଇଁ ୨୦୦୯ରେ ବିଜେଡି ମେଣ୍ଟରୁ ବାହାରି ଯାଇଥିଲା । ତେଣୁ ସଂଖ୍ୟାଲଘୁଙ୍କ ସ୍ୱାର୍ଥ ପାଇଁ ବିଜେଡି ତା'ର ଲଢେଇ ଜାରି ରଖିବ । ବିଜୁ ବାବୁ ସଂଖ୍ୟାଲଘୁଙ୍କ ସହ ଥିଲେ, ମୁଁ ମଧ୍ୟ ରହିଛି ବୋଲି କହିଛନ୍ତି ନବୀନ ।



## ସରକାର ଲଦିଲେ ଗ୍ୟାସ୍ ବୋଝ: ଏକାଥରେ ୫୦ ଟଙ୍କା ବଢ଼ିଲା ଏଲପିଜି ସିଲିଣ୍ଡର ମୂଲ୍ୟ

ଭୁବନେଶ୍ୱର,୭ ।୪(ପି.ଏନ): ଦରଦାମ ବୃଦ୍ଧିକୁ ନେଇ ସାଧାରଣ ଲୋକେ ଦହଗଞ୍ଜ ହେଉଥିବା ବେଳେ ଆହୁରି ବୋଝ ବଢ଼ାଇଲେ କେନ୍ଦ୍ର ସରକାର । ଏଥର ଘରୋଇ ଏଲପିଜି ଗ୍ୟାସ ଦର ବଢ଼ାଇ ଖାଉଟିଙ୍କ ପକେଟ ଉପରେ ପ୍ରହାର କରିଛନ୍ତି ସରକାର । ଏକାଥରେ ଏଲପିଜି ସିଲିଣ୍ଡରର ଦାମ ୫୦ ଟଙ୍କା ବଢ଼ାଇଛନ୍ତି କେନ୍ଦ୍ର ସରକାର । ଘରୋଇ ୧୪ କେଜି ସିଲିଣ୍ଡର ଗ୍ୟାସ ଉପରେ ୫୦ ଟଙ୍କା ବୃଦ୍ଧି କରିଛନ୍ତି ସରକାର । ଏପରିକି ଉଜ୍ଜ୍ୱଳା ଯୋଜନାରେ ମିଳୁଥିବା ଗ୍ୟାସ୍ ସିଲିଣ୍ଡରର ଦାମ ମଧ୍ୟ ବଢ଼ାଇଛନ୍ତି ।ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ଅନ୍ତରାଷ୍ଟ୍ରୀୟ



ବଜାରରେ ମୂଲ୍ୟ ବୃଦ୍ଧି ଘଟୁଥିବା ବେଳେ ଏଠାରେ କମୁଛି । ରୋଷେଇ ଗ୍ୟାସ ସିଲିଣ୍ଡରରେ ୫୦ ଟଙ୍କା ବଢ଼ାଇବାକୁ ନିଷ୍ପତ୍ତି ନେଇଛୁ । ଆଗାମୀ ଦିନରେ ଏହାର ସମୀକ୍ଷା କରାଯିବ ।ମୂଲ୍ୟ ବୃଦ୍ଧି ପରେ ଏବେ ଓଡ଼ିଶାରେ ୮୭୯ ଟଙ୍କା ଦେଇ ୧୪ କେଜି ଏଲପିଜି ଗ୍ୟାସ୍ ସିଲିଣ୍ଡର କିଣିବାକୁ ପଡ଼ିବ । ପୂର୍ବରୁ ୮୨୯ ଟଙ୍କାରେ ଖାଉଟୀ ପାଉଥିଲେ । ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ହୁତୁ ହୁତୁ ହୋଇ ବଢ଼ି ଚାଲିଥିବା ବେଳେ ଗ୍ୟାସ ଦର ବୃଦ୍ଧି ଗରିବ, ମଧ୍ୟବିତ୍ତ ପରିବାରଙ୍କ ପାଇଁ କୋରଡ଼ା ମାଡ଼ ସଦୃଶ୍ୟ ହୋଇଛି ।

## ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କଲେ ପ୍ରଫୁଲ୍ଲ ଘଡେଇ

ଭୁବନେଶ୍ୱର,୭ ।୪(ପି.ଏନ): ରାଜ୍ୟସଭାରେ ୱ୍କଫ୍ ବିଲ୍ ସମର୍ଥନରେ ବିଜେଡି ସାଂସଦ ସସ୍ମିତ ପାତ୍ର ଭୋଟ ଦେବା ପରେ ଜୋର ଧରିଛି ବୟାନବାଜି । ଆଜି ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ଘଡ଼େଇ ବିସ୍ଫୋରକ ବୟାନ ଦେଇଛନ୍ତି ।ସେ କହିଛନ୍ତି, ନବୀନ ବାବୁ ସମସ୍ତଙ୍କ ସାମ୍ନାକୁ ଆସି ଉତ୍ତର ଦେବାର ଆବଶ୍ୟକତା ରହିଛି । ୱ୍କଫ୍? ବିଲକୁ ନେଇ କାହିଁକି ନିଷ୍ପତ୍ତି ବଦଳିଲା, କିଏ ବଦଳାଇଲା, ନବୀନ ସାମ୍ନାକୁ ଆସି ସ୍ପଷ୍ଟ କରିବା ଦରକାର ।ଏହି ଘଟଣାକୁ ନେଇ ବିଜେଡି ବ୍ୟାକ୍ ଫୁଟ୍‌କୁ ଗଲା । ଦଳରେ ଦ୍ୱନ୍ଦ୍ୱ ଦୂର ହେବା ଦରକାର, ବାଦଲ ଦୂର ହେବା ଦରକାର । ପ୍ରକୃତ କଥା କ'ଣ ନବୀନ କହିପାରିବେ, ନବୀନ ସବୁ ଜାଣନ୍ତି ବୋଲି ଆଜି ପ୍ରଫୁଲ ଘଡେଇ କହିଛନ୍ତି ।ସସ୍ମିତ ପାତ୍ର କାହିଁକି ଏଭଳି କଲେ, ତାହା ନବୀନ କହିପାରିବେ। ଏଣୁ ନବୀନ ଦଳ ଲୋକଙ୍କୁ ଓ ରାଜ୍ୟବାସୀଙ୍କୁ ଜଣାଇବା ଉଚିତ ବୋଲି ସେ କହିଛନ୍ତି

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୭ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ

## ମିଶନ ଶକ୍ତି ମହିଳାଙ୍କୁ ଡରୁଛନ୍ତି ବିଜେପି ସରକାର : ସୋଫିଆ ଫିର୍ଦ୍‌ଦୋସ

ଭୁବନେଶ୍ୱର,୭ ।୪(ପି.ଏନ): ମିଶନ ଶକ୍ତି ବନ୍ଦ କରିବା ନେଇ ରାଜ୍ୟ ସରକାରଙ୍କୁ ସୋଫିଆଙ୍କ ଟାର୍ଗେଟ । ଆଜିବି ୭୦ ଲକ୍ଷ ମିଶନ ଶକ୍ତି ମହିଳାଙ୍କୁ ବିଜେପି ସରକାର ଡରୁଛନ୍ତି ବୋଲି କଡା ସମାଲୋଚନା କଲେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍‌ଦୋସ । ୫ଟିଏ ପୁନର୍ଗଠନ ନିଷ୍ପତ୍ତିକୁ କଡ଼ା ସମାଲୋଚନା କରି ସୋଫିଆ କହିଛନ୍ତି ଯେ, ମହିଳାଙ୍କୁ ଭୋଟ ବ୍ୟାଙ୍କ ହିସାବରେ ବ୍ୟବହାର କରାଯାଉଛି । ମିଶନ ଶକ୍ତିର ଏହି ଟିମ୍ ଲିଡରମାନେ ସୁଭଦ୍ରା ଠାରୁ ଅନ୍ୟ ସରକାରୀ ଯୋଜନାରେ କାମ କରିଛନ୍ତି । ଆଜି ବିଜେପି ସରକାର ସେମାନଙ୍କୁ ବାହାର କରିଦେବେ ସେମାନେ କୁଆଡ଼େ ଯିବେ । ଆଜିବି ୭୦ ଲକ୍ଷ ମିଶନ ଶକ୍ତି ମହିଳାଂକୁ ଡରୁଛନ୍ତି ବିଜେପି ସରକାର । ଏହି ମହିଳାମାନେ ଭୋଟ ଦେଲେ ବୋଲି ତ ସରକାରଙ୍କୁ ଆସିଲେ । ତେଣୁ ସରକାର ସେ ଭୟରୁ ବାହାରି ପାରୁନାହାନ୍ତି କାହିଁକି । ମହିଳାଙ୍କୁ ସଶକ୍ତ କରିବାକୁ ସରକାର ପଦକ୍ଷେପ ନିଅନ୍ତୁ । ପୁରୁଣା ସଦସ୍ୟ ରଖନ୍ତୁ ଓ ନୂଆ ସଦସ୍ୟକୁ ସାମିଲ କରନ୍ତୁ । ଏଭଳି ପୁରୁଣା ସଦସ୍ୟଙ୍କୁ ବାହାର କରି ସେମାନଙ୍କୁ ଅପମାନିତ ନକରନ୍ତୁ ।

## ବିଚରା ନବୀନ, ଅସହାୟତା ଜଳଜଳ: ପାଣ୍ଡିଆନଙ୍କ ପାଇଁ ମାମଲାତି କଲେ ୪ ସାଂସଦ, ଅସ୍ଥିରତା ପଛରେ ବବି

ଭୁବନେଶ୍ୱର,୭ ।୪(ପି.ଏନ): ୱ୍କଫ୍ ବିଲ୍ ପ୍ରସଙ୍ଗରେ ବିଜେଡିରେ ଉଠିଥିବା ଝଡ ଥମିବା ପରିବର୍ତ୍ତେ ଅଧିକ ଜଟିଳ ହେବାରେ ଲାଗିଛି । ନବୀନ ପଟ୍ଟନାୟକଙ୍କ ବିଜେଡିରେ ଦଳର ସାଂସଦମାନେ ଏବେ ନବୀନଙ୍କ ପରିବର୍ତ୍ତ? ଅଘୋଷିତ ସର୍ବସର୍ବା ଭିକେ ପାଣ୍ଡିଆନଙ୍କ ପ୍ରତି ଅଧିକ ଆନୁଗତ୍ୟ ପ୍ରଦର୍ଶନ କରିବାରେ ଲାଗିଛନ୍ତି । ୱ୍କଫ୍ ବିଲକୁ ନେଇ ପାଣ୍ଡିଆନଙ୍କ ସନ୍ଦେହଜନକ ଭୂମିକା ପାଇଁ ଦଳୀୟ କର୍ମୀମାନେ ନବୀନ ନିବାସରେ ସୋମବାର 'ପାଣ୍ଡିଆନ ଗୋ-ବ୍ୟାକ୍' ନାରା ଦେବା ପରେ ଚିହିଁକି ଉଠିଛନ୍ତି ଦଳର ୪ଜଣ ରାଜ୍ୟସଭା ସାଂସଦ। ଏହି ସାଂସଦମାନେ ସୋଶାଲ ମିଡିଆ ମାଧ୍ୟମରେ ପାଣ୍ଡିଆନଙ୍କ ସପକ୍ଷରେ ଯୁକ୍ତି ବାଢ଼ି ଦଳର ସବୁ ନିଷ୍ପତ୍ତି ନବୀନ ନିଅନ୍ତି ବୋଲି କହି ପାଣ୍ଡିଆନଙ୍କୁ କ୍ଲିନଚିଟ୍ ଦେବାକୁ ପ୍ରୟାସ କରିଛନ୍ତି ।ତେବେ ରବିବାର ନବୀନଙ୍କୁ 'ଚୁପ୍ ସୈତାନ' କହି ବରିଷ୍ଠ ନେତା ସୌମ୍ୟରଞ୍ଜନ ପଟ୍ଟନାୟକ କଡା ସମାଲୋଚନା କରିଥିଲେ ମଧ୍ୟ ଏହି ସାଂସଦମାନେ ମୁହଁ ଖୋଲି ନଥିଲେ । ମାତ୍ର ପାଣ୍ଡିଆନଙ୍କ ସୁରକ୍ଷା ପାଇଁ ଯେଉଁଭଳି



ଆଗକୁ ଆସିଛନ୍ତି ତାହା ଦଳରେ ଏବେ ନବୀନ ସମର୍ଥକ ବନାମ ପାଣ୍ଡିଆନ ସମର୍ଥକଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି କରିଥିବା ଜଣାପଡିଛି । ଆଉ ଏହି ଗୋଳିଆ ପରିସ୍ଥିତିରୁ ନିଜର ରାଜନୀତିକ ଫାଇଦା ନେବା ପାଇଁ ଅନ୍ୟତମ ନେତା ପ୍ରଣବପ୍ରକାଶ ଦାସ ଓରଫ ବବି 'ଡାହାଣୀ ହୋଇ ଲାଗିବା ଓ ଗୁଣିଆ ହୋଇ ଝାଡିବା' ଭଳି ଦୋମୁହାଁ ଚରିତ୍ରରେ ଅବତୀର୍ଣ୍ଣ ହୋଇଥିବା ସୂଚନା ମିଳିଛି । ବିଗତ କିଛିମାସ ଧରି ନବୀନଙ୍କ ଚରିତ୍ର ସଂହାରଠୁ ଆରମ୍ଭ କରି ତାଙ୍କୁ କଡା ସମାଲୋଚନା ହେଉଥିଲେ ମଧ୍ୟ ଦଳର ନେତାମାନେ ନିରବ ରହୁଛନ୍ତି । ମାତ୍ର ପାଣ୍ଡିଆନଙ୍କୁ କେହି ସମାଲୋଚନା କଲେ ଦଳର ନେତାମାନେ ଚିହିଁକି ଉଠି ତା'ର ଜବାବ ଦେବାକୁ ପ୍ରତିଯୋଗିତା କରୁଥିବା ଦେଖିବାକୁ ମିଳୁଛି।

କାହିଁକି ଆଗକୁ ଆସିଲେ ୪ ସାଂସଦ ?

'ପାଣ୍ଡିଆନ ଗୋ-ବ୍ୟାକ' ନାରା ପରେ ଦଳର ୪ଜଣ ରାଜ୍ୟସଭା ସାଂସଦ ଆଗକୁ ଆସି ପାଣ୍ଡିଆନଙ୍କୁ କ୍ଲିନଚିଟ୍ ଦେବାକୁ ପ୍ରୟାସ କରିଛନ୍ତି । ଦଳର ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ଶୁଭାଶିଷ ଖୁଂଟିଆ, ସନାତନ ବିଶି ଓ ସୁଲତା ଦେଓ ଖୋଲାଖୋଲି ଭାବେ ୱ୍କଫ୍ ବିଲ୍ ପ୍ରସଙ୍ଗରେ ଦଳ ଯାହା ନିଷ୍ପତ୍ତି ନେଇଥିଲା ତାହା ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି ଥିଲା ବୋଲି କହିବା ସହ ନିଜର ସହକର୍ମୀ ସାଂସଦ ଦେବାଶିଷ ସାମନ୍ତରାୟଙ୍କ ପାଣ୍ଡିଆନ ବିରୋଧୀ ମନ୍ତବ୍ୟକୁ ନିନ୍ଦା କରିଛନ୍ତି । ସୋସିଆଲ ମିଡିଆରେ ମାନସ,ସନାତନ, ଶୁଭାଶିଷ ଓ ସୁଲତା ସିଧାସଳଖ ଦଳର ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ବ୍ୟକ୍ତିଗତସ୍ତରରେ ସମାଲୋଚନା କରିବାକୁ ପଛାଇନାହାନ୍ତି । ପାଣ୍ଡିଆନ ୧୦ମାସ ହେଲା ରାଜନୀତିକ କାର୍ଯ୍ୟରେ ନାହାନ୍ତି ବୋଲି ଶ୍ରୀମଙ୍ଗରାଜ କହିବା ସହ ତାଙ୍କୁ ସୁରକ୍ଷା ଦେବାକୁ ପ୍ରୟାସ କରିଥିବାବେଳେ ସବୁକିଛି ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିରେ ହେଉଛି କହିଛନ୍ତି । ଶୁଭାଶିଷ ଓ ମାନସ ଉଭୟ ୱ୍କଫ୍ ବିଲ୍ ପ୍ରସଙ୍ଗରେ ନବୀନ ପଟ୍ଟନାୟକ ହିଁ ନିଷ୍ପତ୍ତି ନେଇଥିବା କହି ପାଣ୍ଡିଆନଙ୍କୁ କ୍ଲିନଚିଟ୍ ଦେବାକୁ ଉଦ୍ୟମ କରିଛନ୍ତି ।

## ଗାଁ ରାସ୍ତାରେ ଫୁଟିଲା ବୋମା, ଜଣେ ମୃତ, ଜଣେ ଗୁରୁତର

ଖୋର୍ଦ୍ଧା: ରାସ୍ତା ଉପରେ ଫୁଟିଲା ବୋମା। ବାଇକରେ ଯାଉଥିବା ଜଣେ ବ୍ୟକ୍ତିଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ। ଆଉ ଜଣେ ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ସୂଚନା। ହେଲେ ସବୁଠାରୁ ରୋଚକ କଥା ଏହାକି ଯେଉଁ ବ୍ୟକ୍ତିମାନେ ବୋମା ନେଇ ଯାଉଥିଲେ, ସେହିମାନେ ହିଁ ମୃତାହତ।

ହଁ ଦୁଇଜଣ ବ୍ୟକ୍ତି ବାଇକରେ ବୋମା ନେଇ ଯାଉଥିଲେ। ହେଲେ ଗାଁ ରାସ୍ତା ଉପରେ ବୋମାଟି ଧରିଥିବା ବ୍ୟକ୍ତିର ହାତରୁ ତଳେ ଖସି ପଡିଥିଲା। ଫଳରେ ବ୍ଲାଷ୍ଟ କରିଥିଲା। ଆଉ ଘଟଣା ସ୍ଥଳରେ ହିଁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ, ଆଉ ଜଣେ ଗୁରୁତର ହୋଇଥିଲେ।

ଗୁରୁତର ବ୍ୟକ୍ତିଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ସୂଚନା। ତେବେ ଏହି ବୋମା ବିସ୍ଫୋରଣ ହୋଇଛି ଖୋର୍ଦ୍ଧା ଜିଲ୍ଲା ସଦର ଥାନା ଶଢେଇଗଡ଼ ଗାଁ ରାସ୍ତାରେ। ବାଇକରେ ବୋମା ନେଇ ଯିବା ବେଳେ ଦୁର୍ଘଟଣା ଘଟିଛି।




# ଦାନ୍ତର ହଳଦିଆପଣକୁ ଦୂର କରିବାର ଘରୋଇ ଉପଚାର

ଯଦି ତୁମେ ତୁମର ଚେହେରାକୁ ସୁନ୍ଦର କରିବାକୁ ଚାହୁଁଛ। ତେବେ ପ୍ରଥମେ ତୁମକୁ ଦାନ୍ତରେ ସବୁ ଖର୍ଚ୍ଚ କରିବାକୁ ପଡିବ। କାରଣ ହଳଦିଆ ଦାନ୍ତ ଚେହେରାର ସୌନ୍ଦର୍ଯ୍ୟକୁ ନଷ୍ଟ କରିଥାଏ ଏବଂ ସର୍ବସାଧାରଣ ସ୍ଥାନରେ ଖୋଲାଖୋଲି ହସିବା କଷ୍ଟକର ହୋଇଯାଏ। ସାଧାରଣତଃ ଦାନ୍ତ ମଇଳା ହୋଇଥାଏ କାରଣ ଆମେ ସେମାନଙ୍କୁ ନିୟମିତ ସଫା କରୁନାହୁଁ। ଏହା ବ୍ୟତୀତ ଚା, କଫି, ପାନ, ସିଗାରେଟ୍, ଗୁଟଖା ଏବଂ ତମାଖୁର ହେତୁ ହଳଦିଆ ଦାନ୍ତ ଦେଖାଯିବା ଆରମ୍ଭ କରେ। ଯଦି ଆପଣ ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ସର୍ବପ୍ରଥମେ ଖରାପ ଅଭ୍ୟାସ ଛାଡିଦିଅନ୍ତୁ ଏବଂ ତା’ପରେ ରୋଷେଇ ଘରେ ରଖାଯାଇଥିବା କିଛି ଜିନିଷର ସାହାଯ୍ୟରେ ଆପଣ ଦାନ୍ତର ହଳଦିଆ ରଙ୍ଗ ଦୂର କରିପାରିବେ।



୧- ଧଳା ଏବଂ ଚକଚକିଆ ଦାନ୍ତ ପାଇବା ପାଇଁ ପ୍ରଥମେ କମଳା ଚୋପା, ଟମାଟୋ ଏବଂ ଲୁଣ ନିଅନ୍ତୁ। ଏହି ଜିନିଷ ଗୁଡ଼ିକର ମିଶ୍ରଣ ହେତୁ ପାଟିରେ ଉତ୍ପନ୍ନ ଜୀବାଣୁକୁ ବାହାର କରିଥାଏ। ଏହି ତିନୋଟି ଜିନିଷକୁ ଏକ ମିକ୍ସର୍ ଗ୍ରାଇଣ୍ଡରରେ ଗ୍ରାଇଣ୍ଡ୍ କରନ୍ତୁ ଏବଂ ତା’ପରେ ଏହି ପେଷ୍ଟକୁ ଟୁଥ୍ ବ୍ରଶରେ ଲଗାଇ ଦାନ୍ତ ଘଷନ୍ତୁ। ଏହା ପରେ ତୁମେ ଟୁଥପେଷ୍ଟ ସହିତ ପୁଣି ସଫା କରନ୍ତୁ।

୨-ହଳଦିଆ ଦାନ୍ତ ସଫା କରିବା ପାଇଁ ଆପଣ ବେକିଂ ସୋଡା, ଲୁଣ ଏବଂ ନଡିଆ ତେଲ ମଧ୍ୟ ବ୍ୟବହାର କରିପାରିବେ। ଏହି ତିନୋଟି ଜିନିଷକୁ ମିଶ୍ରଣ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ ଏବଂ ତା’ପରେ ଆଙ୍ଗୁଠି କିମ୍ବା ଟୁଥ୍ ବ୍ରଶ୍ ସାହାଯ୍ୟରେ ଦାନ୍ତ ଘଷନ୍ତୁ, ମନେରଖନ୍ତୁ ଯେ ଏହି ପେଷ୍ଟକୁ ମାସରେ ମାତ୍ର ଦୁଇଥର ବ୍ୟବହାର କରିବା ଉଚିତ୍। ଯେଉଁମାନଙ୍କର ଦାନ୍ତରେ ସମ୍ବେଦନଶୀଳତାର ସମସ୍ୟା ରହିଛି ସେମାନେ ଏହାକୁ ବ୍ୟବହାର କରିବା ଉଚିତ୍ ନୁହେଁ।

୩-ଦାନ୍ତର ହଳଦିଆ ରଙ୍ଗକୁ ହଟାଇବା ପାଇଁ ଆପଣ କଦଳୀ ଚୋପା ମଧ୍ୟ ବ୍ୟବହାର କରିପାରିବେ। ଏହି ଚୋପା ସାହାଯ୍ୟରେ ଦାନ୍ତକୁ ହାଲକା ଭାବରେ ହାତରେ ମସାଜ୍ କରନ୍ତୁ ଏବଂ ତା’ପରେ ଦେଖିବେ ଦାନ୍ତର ଚମକ।

୪-ନିମ୍ବର ଔଷଧିଅ ଗୁଣ ବିଷୟରେ ସମସ୍ତେ ଅବଗତ। ଯଦି ଆପଣ ଦୈନିକ ଭାବରେ ନିମ୍ବକୁ ଦାନ୍ତରେ ଘଷନ୍ତି ଖରାପ ଜୀବାଣୁକୁ ନଷ୍ଟ କରିଦିଏ। ବରଂ ଦାନ୍ତର ହଳଦିଆତାକୁ ମଧ୍ୟ ଦୂର କରିଥାଏ।

# ରାଗିଲେ ଉର୍ବଶୀ, ଖବରଦାତାଙ୍କ ବିରୋଧରେ କଲେ ମାନହାନି ମାମଲା

ବିଭିନ୍ନ କ୍ରିକେଟରଙ୍କ ସହ ନାଁ ଯୋଡ଼ାଯିବାକୁ ନେଇ ଚର୍ଚ୍ଚାରେ ରହୁଥିବା ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରୌତେଲା କିଛି ଦିନ ହେଲା ପୁଣି ଲାଇମଲାଇଟ୍‌କୁ ଆସିଛନ୍ତି। ତାଙ୍କ ନାଁରେ ଭୁଲ୍ ଖବର ପ୍ରସାରଣ କରାଯାଇଥିବାରୁ ଉର୍ବଶୀ ରାଗି ଯାଇଛନ୍ତି। ଏଥିଯୋଗୁ ଜଣେ ଖବରଦାତାଙ୍କ ବିରୋଧରେ ମାନହାନି ମାମଲା କରିବା ସହ ତାଙ୍କୁ ଲିଗାଲ ନୋଟିସ୍ ମଧ୍ୟ ପଠାଇଛନ୍ତି। ନିଜକୁ ଫିଲ୍ମ କ୍ରିଟିକ୍ କହୁଥିବା ଉମର ସାନ୍ଧୁ ନିଜ ଟୁଇଟର ଆକାଉଂଟରେ ଉର୍ବଶୀଙ୍କ ନାଁରେ ମିଥ୍ୟା ଖବର ପ୍ରସାରଣ କରିଥିବା ଅଭିଯୋଗ ହୋଇଛି। ଟୁଇଟ୍‌ରେ ଉମର ସାନ୍ଧୁ ଲେଖିଛନ୍ତି, ‘ୟୁରୋପରେ ‘ଏଜେଂଟ’ର ଆଇଟମ୍ ଗୀତ ଶୁଟିଂବେଳେ ଅଖିଲ ଅକ୍କିନେନି ବଲିଉଡ୍ ଅଭିନେତ୍ରୀ ଉର୍ବଶୀଙ୍କୁ ନିର୍ଯାତନା ଦେଇଥିଲେ। ଅଭିନେତ୍ରୀଙ୍କ ଅନୁସାରେ ଅଭିନେତା ଜଣକ ବହୁତ ପିଲାଳିଆମୀ କରନ୍ତି। ତେଣୁ ତାଙ୍କ ସହ କାମ କରିବାରେ ଅସହଜ ଲାଗେ’। ଏହି ପୋଷ୍ଟରେ ଉମର ସାନ୍ଧୁ ଉଭୟ ଅକ୍କିନେନି ଏବଂ ଉର୍ବଶୀଙ୍କ ଫଟୋ ଏକାଠି ରଖି ଶେୟାର କରିଥିଲେ। ଏଥିରେ ଉର୍ବଶୀଙ୍କ ରାଗ ଚରମରେ ପହଂଚିଯାଇଥିଲା। ଉର୍ବଶୀ ଏକ ଟୁଇଟ୍ କରି ଉକ୍ତ ଟୁଇଟ୍‌ର ସ୍କ୍ରିନ୍‌ଶଟ୍ ପୋଷ୍ଟ କରିଛନ୍ତି। ଏହାକୁ ଭୁଲ୍ ଖବର ବୋଲି ଉର୍ବଶୀ ଲେଖିଛନ୍ତି। ସେ କହିଛନ୍ତି, ମୋ ଲିଗାଲ ଟିମ୍ ଆପଣଙ୍କୁ ମାନହାନି ମାମଲାରେ ନୋଟିସ୍ ପଠାଉଛନ୍ତି। ଆପଣଙ୍କ ଭଳି ଖବରଦାତାଙ୍କ ଭୁଲ୍ ଖବର ଯୋଗୁ ଅନେକେ ବିରକ୍ତ ହୋଇଗଲେଣି। ଆପଣ ମୋ ଅଫିସିଆଲ ସ୍ପୋକ୍‌ପର୍ସନ ବା ମୁଖପାତ୍ର ନୁହଁନ୍ତି। ଆପଣ ଜଣେ ଅପରିପକ୍ୱ ସାମ୍ବାଦିକ ଯିଏ ମୋତେ ଏବଂ ମୋ ପରିବାରକୁ ଅସହଜ ମନେକରାଇଛନ୍ତି। ଏହା ପୂର୍ବରୁ ଉମରର ଉର୍ବଶୀଙ୍କ ନାଁରେ ଟୁଇଟ୍ କରି ଅଭିନେତ୍ରୀଙ୍କ ଚରିତ୍ର ଉପରେ ଅଙ୍ଗୁଳି ଉଠାଇଥିଲେ। ସିନେ ସମାଲୋଚକ କେଆରକେ ଏହାକୁ ରିଟୁଇଟ୍ କରିଥିଲେ। ସେହିପରି ସେଲିନା ଜେଟ୍‌ଲୀଙ୍କ ନାଁରେ ମଧ୍ୟ ଉମର ଟୁଇଟ୍ କରି ବିବାଦୀୟ ଟିପ୍ପଣୀ ଦେଇଥିଲେ। ୱାର୍କଫ୍ରଂଟକୁ ଦେଖିଲେ ଉର୍ବଶୀ ଏବେ ଅଭିନେତା ନାଗାର୍ଜୁନଙ୍କ ପୁଅ ଅଖିଲ ଅକ୍କିନେନୀଙ୍କ ସହ ପ୍ୟାନ୍ ଇଣ୍ଡିଆ ଫିଲ୍ମ ‘ଏଜେଂଟ’ କାମରେ ବ୍ୟସ୍ତ ଅଛନ୍ତି। ଫିଲ୍ମରେ ମମୁଟି ମଧ୍ୟ ପ୍ରମୁଖ ଚରିତ୍ରରେ ଅଛନ୍ତି। ଏହାର ବଜେଟ ଶହେ କୋଟି ଟଙ୍କା ବୋଲି କୁହାଯାଉଛି। ଏହା ଏକ ଭାରତୀୟ ସ୍ପାଏ-ଥ୍ରିଲର ଫିଲ୍ମ ହେବ। ସୁରେନ୍ଦ୍ର ରେଡ୍ଡୀ ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି।



# ଭଉଣୀ ଶାହିନ୍‌ଙ୍କୁ ଫ୍ଲାଟ୍ ଗିଫ୍ଟ କଲେ ଆଲିଆ

ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ। ସେ କିଛି ନା କିଛି କାରଣ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥା’ନ୍ତି। ବର୍ତମାନ ତାଙ୍କ ସମ୍ପତି କିଣିବା ବିଷୟରେ ଆଲୋଚନା ହେଉଛି। ବାସ୍ତବରେ, ଆଲିଆଙ୍କ ପ୍ରଡକ୍ସନ୍ ହାଉସ୍ ଇଂଟରନଲ ସନସାଇନ ପ୍ରଡକ୍ସନ୍ ପ୍ରାଇଭେଟ୍? ଲିମିଟେଡ୍ ବାନ୍ଦ୍ରା ୱେଷ୍ଟର ପାଲି ହିଲ୍ ଅଞ୍ଚଳରେ ୩୭.୮୦ କୋଟିର ଏକ ଆପାର୍ଟମେଂଟ କିଣିଛି। ମିଡିଆ ରିପୋର୍ଟ ଅନୁଯାୟୀ, ଅଭିନେତ୍ରୀ ଦୁଇଟି ଘର କିଣିଛନ୍ତି। ତାଙ୍କ ଭଉଣୀ ଶାହିନ୍ ଭଟ୍ଟଙ୍କୁ ମଧ୍ୟ ଉପହାର ଦେଇଛନ୍ତି। ତେବେ ଏହା ଉପରେ ଆଲିଆଙ୍କ ପକ୍ଷରୁ କୌଣସି ସରକାରୀ ବିବୃତି ଆସିନାହିଁ। ରିପୋର୍ଟ ଅନୁଯାୟୀ, ଇଣ୍ଡେକ୍ସ ଟ୍ୟାପ୍ ଡଟ୍ କମରୁ ମିଳିଥିବା ଡକ୍ୟୁମେଂଟ ଅନୁଯାୟୀ, ଆଲିଆ ଭଟ୍ଟଙ୍କ କମ୍ପାନୀ କିଣିଥିବା ଆପାର୍ଟମେଂଟଟି ୨ ହଜାର ୪୯୭ ବର୍ଗଫୁଟ ଉପରେ ବ୍ୟାପିଛି ଏବଂ ଏରିଆଲ୍ ଭ୍ୟୁ କୋଅପରେଟିଭ୍ ହାଉସିଂ ସୋସାଇଟି ଲିମିଟେଡ୍‌ରେ ଅବସ୍ଥିତ। ରେସିଡେନସିଆଲ ସମ୍ପତି ଗୋଲ୍ଡ ଷ୍ଟ୍ରିଟ୍ ମର୍କାଂଟାଇଲ୍ କମ୍ପାନୀ ପ୍ରାଇଭେଟ ଲିମିଟେଡ୍ ଠାରୁ କିଣାଯାଇଛି। ଏହି ଚୁକ୍ତିନାମା ୧୦ ଏପ୍ରିଲ ୨୦୨୩ ରେ ପଞ୍ଜୀକୃତ ହୋଇଥିଲା ଏବଂ ୨.୨୬ କୋଟି ଟଙ୍କାର ଷ୍ଟାମ୍ପ ଡ୍ୟୁଟି ପ୍ରଦାନ କରାଯାଇଥିଲା। ରିପୋର୍ଟରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ ଆଲିଆ ପ୍ରାଇଜ ସାର୍ଟିଫିକେଟ୍ ଜରିଆରେ ତାଙ୍କ ଭଉଣୀ ଶାହିନ୍ ଭଟ୍ଟଙ୍କୁ ଦୁଇଟି ଘର ଦେଇଛନ୍ତି। ଏହି ଆପାର୍ଟମେଂଟର ମୂଲ୍ୟ ୭.୬୦ କୋଟି ଟଙ୍କା। ଏହା ଜୁହୁ ଠାରେ ଅବସ୍ଥିତ। ପ୍ରଥମ ଘର ୧ ହଜାର ୧୯୭ ବର୍ଗଫୁଟ ଥିବା ବେଳେ ଦ୍ୱିତୀୟ ଫ୍ଲାଟ ୮୮୯.୭୫ ଉପରେ ବିସ୍ତାର ହୋଇଛି। ଏହି ରିପୋର୍ଟରେ କୁହାଯାଇଛି, “କାରବାର ପାଇଁ ୩୦.୭୫ ଲକ୍ଷ ଟଙ୍କା ଷ୍ଟାମ୍ପ ଡ୍ୟୁଟି ଦିଆଯାଇଛି। ଏହା ଏକ କାର ପାର୍କିଂ ସହିତ ଆସିଥାଏ। କିନ୍ତୁ ଏସବୁକୁ ନେଇ ଆଲିଆ ନିଜର କୌଣସି ପ୍ରତିକ୍ରିୟା କରି ନାହାନ୍ତି।



# ପିଲାଦିନେ ବିକ୍ରି କରୁଥିଲେ ଖବର କାଗଜ, ଏବେ ୪୦୦ରୁ ଅଧିକ କାର



ବେଙ୍ଗାଲୁରୁର ରମେଶ ବାବୁଙ୍କୁ କୋଟିପତି ଭଣ୍ଡାରି କୁହାଯାଏ ଏବଂ ସେ ଭାରତରେ ବିଳାସପୂର୍ଣ୍ଣ କାର କିଣିବାରେ ଆଗରେ ଅଛନ୍ତି । ରମେଶ ବାବୁଙ୍କ ପାଖରେ ପାଖାପାଖି ୪୦୦ଟି ଲଗଜୁରୀ କାର ଅଛି, ଯେଉଁଥିରେ ରୋଲିଜ ରୟସ, ମର୍ସିଡିଜ୍ ମେବ୍ୟାକ, ରେଞ୍ଜ ରୋଭର୍ସ ଓ ବେଂଟାଲିସ୍ ସାମିଲ ଅଛି। ରମେଶ ବାବୁଙ୍କ ପିତା ଜଣେ ଭଣ୍ଡାରି ଥିଲେ। ରମେଶ ବାବୁଙ୍କୁ ୭ବର୍ଷ ବୟସ ହୋଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ରମେଶ ବାବୁଙ୍କ ପିତାଙ୍କ ଅବେଳରେ ମୃତ୍ୟୁ ତାଙ୍କ ମାଆଙ୍କ ପାଇଁ ଦୁଃଖର ପାପାହଡ଼ ସଦୃଶ ହୋଇଥିଲା। ୫ଟଙ୍କାର ସାମାନ୍ୟ ଅର୍ଥ ରାଶି ପାଇଁ ଜଣେ ସଂପର୍କୀୟ ଦାଦାଙ୍କୁ ସେଲୁନ ଉଧାର ଦେବାକୁ ବାଧ ହୋଇଥିଲେ। ପୁଣି ରମେଶ ବାବୁ ଖବର କାଗଜ ବିକ୍ରି କରିବା ସହ ଛୋଟମୋଟ କାମ କରି ପରିବାରକୁ ଆର୍ଥିକ ସଙ୍କଟରୁ ଉଦ୍ଧାର କରିବାକୁ ଚେଷ୍ଟା କଲେ। ଗୋଟିଏ ସମୟ ଥିଲା ଯେବେ ରମେଶ ବାବୁଙ୍କ ପରିବାର ପାଖରେ ଠିକ୍‌ରେ ଖାଇବାକୁ ଟଙ୍କା ନଥିଲା ଏବଂ ସେମାନେ ଭୋକିଲା ରହି ଯାଉଥିଲେ। ରମେଶ ବାବୁ ୧୯୯୦ ଦଶକରେ ସେଲୁନ ବ୍ୟବସାୟ ଆରମ୍ଭ କଲେ ଏବଂ ଖୁବ୍ ଶୀଘ୍ର ସେ ଭଲ ଭାବେ ଅର୍ଥ କମାଇବା ଆରମ୍ଭ କଲେ। ସେ ପାଖାପାଖି ୧୫୦ ଟଙ୍କାରେ ଚୁଟି କାଟନ୍ତି। ରମେଶ ବାବୁ ଅର୍ଥ ବଂଚାଇବାକୁ ଆରମ୍ଭ କଲେ ଏବଂ ଗାଡ଼ି ଭଡ଼ା ଦେବାକୁ ଏକ ମାରୁତି ଓମିନି କାର କିଣିଲେ। ରମେଶ ବାବୁ ସେତେବେଳେ ରମେଶ ଟୁରସ ଆଣ୍ଡ ଟ୍ରାଭେଲ୍ସ ନାମକ ଏକ କାର ରେଂଟଲ ଓ ସେଲ୍ଫ ଡ୍ରାଇଭ ଏଂଟରପ୍ରାଇଜେସ୍ ଆରମ୍ଭ କଲେ । କିଛି ମାସ ପରେ ସେ ଏକ ମର୍ସିଡିଜ ଇ କ୍ଲାସ ସେଡାନ କିଣିଲେ ଏବଂ ଭଡ଼ାରେ ଲଗଜୁରୀ କାର ଦେବାରେ ସହରରେ ସେ ପ୍ରଥମ ବ୍ୟକ୍ତି ହୋଇଗଲେ। ରମେଶ ବାବୁ ସେତେବେଳେ ୩ କୋଟି ଟଙ୍କାର ରୋଲ୍ସ ରୟସ ଘୋଷ୍ଟ କାର କିଣିଥିଲେଲେ, ଏହାସହ ବିଏମଡବ୍ଲ୍ୟୁ, ଜଗୁଆର ଓ ବେଂଟଲେ ଲଗଜୁରୀ ସେଡାନ ଭଳି ଅନ୍ୟ ଗାଡ଼ି ମଧ୍ୟ କିଣିଲେ, ୨୦୧୭ରେ ରମେଶ ବାବୁ ଖୁବ୍ ଚର୍ଚ୍ଚିତ ହେଲେ ଯେବେ ସେ ୨.୬ କୋଟି ଟଙ୍କାର ମେବ୍ୟାକ ଏସ୍୬୦୦ କିଣିଥିଲେ। ରମେଶ ବାବୁଙ୍କ ଅନୁସାରେ, ତାଙ୍କ କାର ସର୍ଭିସର ବ୍ୟବହାର କରୁଥିବା ବଡ଼ ବଡ଼ ବ୍ୟକ୍ତିଙ୍କ ମଧ୍ୟରେ ଅମିତାଭ ବଚ୍ଚନ, ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ଆମିର ଖାନଙ୍କ ଭଳି ପ୍ରସିଦ୍ଧ ଅଭିନେତା ଓ ସଚିନ ତେନ୍ଦୁଲକରଙ୍କ ଭଳି ଷ୍ଟାର ଖେଳାଳି ଅଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଅପ୍ରେଲ ୮**

# ସିପାହୀ ବିଦ୍ରୋହର ପ୍ରଥମ ସହିଦ : ମଙ୍ଗଲ ପାଣ୍ଡେ



ପିଲାମାନେ, ଆଜିର ଦିନରେ ଆମ ଭାରତ ମାତାର ସୁଯୋଗ୍ୟ ସନ୍ତାନ, ଦେଶପ୍ରେମୀ ତଥା ସିପାହୀ ବିଦ୍ରୋହର ପ୍ରଥମ ସହିଦ କହିଲେ ଯାହାଙ୍କୁ ବୁଝାଏ ସେହି କ୍ରାନ୍ତିବୀର ମହାନ ଦେଶ ସେବକ ମଙ୍ଗଲ ପାଣ୍ଡେ ଆତ୍ମବଳୀ ପ୍ରଦାନ କରିଥିଲେ । ସେ ବ୍ରିଟିଶ ସେନାରେ ସାଧାରଣ ସୈନିକ ଭାବେ ଚାକିରି କରିଥିଲେ । ପରେ ସେନା ବାହିନୀରେ ଚାଲିଥିବା ହିନ୍ଦୁ-ମୁସଲମାନ ବିରୋଧୀ କାର୍ଯ୍ୟକଳାପଗୁଡ଼ିକୁ ପସନ୍ଦ କରି ନପାରି, ବିଦ୍ରୋହୀ ହୋଇଉଠିଥିଲେ । ଉପରିସ୍ଥ କର୍ମଚାରୀମାନଙ୍କ ନିର୍ଦ୍ଦେଶ ପାଳନ ନକରିବା ପାଇଁ ସିପାହୀମାନଙ୍କୁ ଆହ୍ୱାନ ଦେଇ ସେ ବ୍ରିଟିଶ ସେନା ଅଫିସରମାନଙ୍କ ବିଷ ଦୃଷ୍ଟିରେ ପଡ଼ିଥିଲେ । ଏହାର ପରିଣାମ ସ୍ୱରୂପ ସେ ଅସ୍ତ୍ର ଧାରଣ କରି ଦୁଇ ଜଣ ବ୍ରିଟିଶ ସେନା ଅଧିକାରୀଙ୍କୁ ହତ୍ୟା ଉଦ୍ୟମ କରି ଗିରଫ ହୋଇଥିଲେ । ବିଚାର ପରେ ତାଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଥିଲା । ତତ୍‌କାଳୀନ ଆଗରା ଓ ଅଓ୍ୱଧ ରାଜ୍ୟ ଅନ୍ତର୍ଗତ ବଲିୟାର ନାଗଓ୍ୱା ଗ୍ରାମର ଏକ ଭୂମିହାର ବ୍ରାହ୍ମଣ ପରିବାରରେ ମଙ୍ଗଲ ଜନ୍ମ ହୋଇଥିଲେ । ଅଠର ବର୍ଷ ବୟସରେ ସେ ଇଷ୍ଟ ଇଣ୍ଡିଆ କମ୍ପାନୀର ସେନା ବାହିନୀରେ ଯୋଗଦେଇଥିଲେ ।

ଚଉତିରିଶ ବେଙ୍ଗଲ ନେଟିଭ୍ ଇନ୍‌ଫାଣ୍ଟ୍ରିରେ କାମ କରୁଥିବା ବେଳେ ସେ ଏନ୍‌ଫିଲଡ୍ ରାଇଫଲରେ ବ୍ୟବହାର କରାଯାଉଥିବା ଗୁଳି ଗ୍ରହଣ ନକରିବା ପାଇଁ ମନା କରିଦେଇଥିଲେ । ଗୁଳିରେ ଗାଈ ଓ ଘୁଷୁରି ଚର୍ବି ବ୍ୟବହାର କରାଯାଉଥିଲା । ଏହା ଦ୍ୱାରା ଧର୍ମ ନଷ୍ଟ ହେବାର ଆଶଙ୍କା ଯୋଗୁଁ ସେ ବିରୋଧ କରିଥିଲେ । ଶାନ୍ତିପୂର୍ଣ୍ଣ ପ୍ରତିବାଦ କ୍ରମେ ହିଂସାତ୍ମକ ହୋଇଥିଲା ଏବଂ ରାଗରେ ସେ ଜନୈକ ଲେଫ୍‌ଟନାଣ୍ଟ ବଗ ଓ ସର୍ଜେଣ୍ଟ ମେଜର୍ ହ୍ୟୁସନ୍‌ଙ୍କୁ ହତ୍ୟା କରିବା ପାଇଁ ଗୁଳି ଚଳାଇଥିଲେ । ଗୁଳି ଲକ୍ଷ୍ୟ ଭ୍ରଷ୍ଟ ହେବା ପରେ ମଙ୍ଗଲ ତରବାରିରେ ଆକ୍ରମଣ କରିଥିଲେ । ତେବେ ଦୁହେଁ ବର୍ତ୍ତି ଯାଇଥିଲେ । ମଙ୍ଗଲଙ୍କୁ ସମର୍ଥନ ଦେଇଥିଲେ ଜିମାଦାର ଈଶ୍ୱରୀ ପ୍ରସାଦ । ୧୮୫୭ ଏପ୍ରିଲ ଆଜିର ଦିନରେ ବାରକପୁରରେ ମଙ୍ଗଲଙ୍କୁ ଫାଶୀ ଦିଆଯାଇଥିଲା । ତେର ଦିନ ପରେ ଈଶ୍ୱରୀଙ୍କୁ ମଧ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥିଲା । ମଙ୍ଗଲଙ୍କୁ ଯେଉଁଠାରେ ଫାଶୀ ଦିଆଯାଇଥିଲା ଏବେ ସେଠାରେ ରହିଛି ତାଙ୍କ ସ୍ମୃତିରେ ବିକଶିତ ସହିଦ ମଙ୍ଗଲ ପାଣ୍ଡେ ମହା ଉଦ୍ୟାନ । ଭାରତ ସରକାର ୧୯୮୪ରେ ତାଙ୍କ ନାମରେ ଏକ ଡାକ ଟିକେଟ୍ ପ୍ରଚଳନ ପୂର୍ବକ ତାଙ୍କୁ ସମ୍ମାନିତ କରିଥିଲେ । ପିଲାଏ ଆଜିର ଦିନରେ ତୁମେ ମାନେ ଦେଶ ମାତୃକାର ସେବାରେ ଏବଂ ସମାଜ ସେବା ପାଇଁ ନିଜକୁ ଉତ୍ସର୍ଗୀକୃତ ଭାବନା ରଖିପାରିଲେ ଏହା ହେବ ଦେଶପ୍ରେମୀ ମଙ୍ଗଲ ପାଣ୍ଡେଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ

# କୋଶଳ ବନାମ ଓଡ଼ିଆ ସାହିତ୍ୟ

ଓଡ଼ିଶା ଓ ଭାରତରେ, ପ୍ରତି କୋଡ଼ିଏରୁ ପଚାଶ କିଲୋମିଟର ଦୂରରେ ଭାଷାର ପରିବର୍ତ୍ତନ ହୁଏ । କଳାହାଣ୍ଡିର କେସିଙ୍ଗାରେ ଗୋଟିଏ ଭାଷା ତ ଜୟପାଟଣାରେ ଗୋଟିଏ ଭାଷା । ସେପ୍ରକାର ପ୍ରତ୍ୟେକ ଜିଲ୍ଲା ଭିତରେ ଭାଷା ଓ ରୁଚିରେ ବିଭିନ୍ନତା ରହିଛି । ଓଡ଼ିଆ ସାହିତ୍ୟ ପୁରା ଓଡ଼ିଶାର ସବୁ ଅଞ୍ଚଳର ଭାଷାବାଦିଙ୍କ ଦ୍ୱାରା ସମୃଦ୍ଧ ହୋଇ ଆସିଛି । ଫକୀର ମୋହନ ହେଉନ୍ତୁ କି ଗଙ୍ଗାଧର ମେହେର, ଉପେନ୍ଦ୍ର ଭଞ୍ଜ କବି ହୁଉନ୍ତୁ କି ପ୍ରକୃତି କବି, ରାଧାନାଥ ହେଉନ୍ତୁ, ଓଡ଼ିଆ ସାହିତ୍ୟ, ଓଡ଼ିଆଙ୍କର ଓ ଓଡ଼ିଶାର । କଟକ, କିମ୍ବା ପୁରୀ କିମ୍ବା ବାଲେଶ୍ୱରର ଭାଷା ଓଡ଼ିଆ ସାହିତ୍ୟ ନୁହେଁ । ଯେହେତୁ କଟକ, ପୁରୀ, ବାଲେଶ୍ୱର ହେଉ କି ଅନ୍ୟ ଉପକୂଳ ଅଞ୍ଚଳର ଭାଷା ହେଉ, କୌଣସି ଏକକ ସ୍ଥାନର ଓଡ଼ିଆ ଭାଷାକୁ ଓଡ଼ିଆ ସାହିତ୍ୟ କହି ହେବନାହିଁ । ଝାଡ଼ଖଣ୍ଡ ଓ ଛତିଶଗଡ଼ର ଅନେକ ଜିଲ୍ଲାରେ ଅନେକ ଅଞ୍ଚଳରେ ଓଡ଼ିଆ ଲୋକ ଓ ଓଡ଼ିଆ ବିଦ୍ୟାଳୟ ଅଛି । କିନ୍ତୁ ସେମାନଙ୍କର ଭାଷା, ପ୍ରଚଳିତ ଓଡ଼ିଆ ସାହିତ୍ୟ ନୁହେଁ । ଝାଡ଼ଖଣ୍ଡ ଓ ଛତିଶଗଡ଼ର ଓଡ଼ିଆ ମାନେ, ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ଭଲ ପାଆନ୍ତି । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଚ୍ଛିନ୍ନାଞ୍ଚଳ ଓ ଓଡ଼ିଆ ରାଜ୍ୟକୁ ନେଇ ସମୃଦ୍ଧ ଓ ପରିଚିତ । ଛଉ ନୃତ୍ୟ ଓ ସାହିତ୍ୟ ମୟୂରଭଞ୍ଜର, କିନ୍ତୁ, ବାଲେଶ୍ୱର, ଝାଡଖଣ୍ଡ ଓ ପଶ୍ଚିମ ବଙ୍ଗରେ ବି ତାହା ଦେଖିବାକୁ ମିଳେ । ତେବେ ଏହି ନୃତ୍ୟ ଓ ସାହିତ୍ୟ କାହାର । ସରେଇକଳା ଓ ଖର୍ସୁଆଁ, ଓଡ଼ିଆ ରାଜ୍ୟ, ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଆଜିବି ବିଛିନ୍ନ ରହି, କାନ୍ଦୁଛି । ଓଡ଼ିଆ ସାହିତ୍ୟ ସେଇଠି ବିଲୁପ୍ତ ହେଉଛି । କିଏ ଦେବ ସେମାନଙ୍କୁ ଓଡ଼ିଆର ସୀମା ଓ ପରିଚୟ । ଓଡ଼ିଶାରେ ଓଡ଼ିଆ କିଏ । ଫୁଲବାଣୀ ବା କନ୍ଧମାଳର କୁଇ, ମୟୂରଭଞ୍ଜର ସାନ୍ତାଳୀ ଓ ହୋ, ଉପକୂଳ ଜିଲ୍ଲାରବି ଅଧିବାସୀ ଓଡ଼ିଆ ଅଟନ୍ତି । ତାହା ଆଜି ନୁହଁ, ଆବହମାନ କାଳରୁ ଓଡ଼ିଆ ଭାଷା ବାଦୀ ନହୋଇ ସେମାନେ, ନିଜକୁ ଓଡ଼ିଆ ବୋଲି କହନ୍ତି । ନିଜକୁ ଓଡ଼ିଆ ନୁହନ୍ତି କହି, ସେମାନେ ଅସହିଷ୍ଣୁତା ପ୍ରଦର୍ଶନ କରନ୍ତି ନାହିଁ । କଳାହାଣ୍ଡିର, କୋରାପୁଟ, ସମ୍ବଲପୁର, ଗଜପତିରବି ଅନେକ ଜନଜାତିଙ୍କ ମାତୃଭାଷା ଓଡ଼ିଆ ବା ସଂସ୍କୃତ ଭାଷାରୁ ସ୍ପଷ୍ଟ ଭାଷା ବୋଲି, ତାଙ୍କର ମାତୃ ଭାଷାକୁ କହିବା ଉଚିତ ହେବ ନାହିଁ । ସାନ୍ତାଳୀ ଓ ସାନ୍ଥାଳପର୍ଗନା ଓଡ଼ିଶା, ଝାଡଖଣ୍ଡ, ବିହାର, ବେଙ୍ଗଲ, ଆସାମ ଓ ନେପାଳକୁ ବ୍ୟାପିଛି । ତାଙ୍କ ପାଇଁ ଏକ ଭୌଗଳିକ ରାଜ୍ୟର ଦାବି, ଏକ ନ୍ୟାର୍ଯ୍ୟ ଦାବି ମନେହୁଏ । ଯେହେତୁ ସେମାନେ ଏହି ଚାରି ରାଜ୍ୟରେ ନିଜ, ଭାଷା, ସଂସ୍କୃତି, ପରମ୍ପରା, କିମ୍ବଦନ୍ତୀ ଇତ୍ୟାଦି ଥାଇ, ଉପେକ୍ଷିତ । ସେପ୍ରକାର, ହୋ, ମାଲଟ୍‌ଟୋ ଓ ଅନେକ ଭାରତୀୟ ଆଦିବାସୀ ଉପେକ୍ଷିତ । ଏପରିକି ସେମାନେ ଆମ ଓଡ଼ିଆଙ୍କ ପରି ଅନେକ ଜାତି, ସମାଜ, ଗୋଷ୍ଠୀରେ ବିଭାଜିତ ନୁହନ୍ତି କିନ୍ତୁ ଏକ ଗୋଷ୍ଠୀ, ଏକ ଭାଷା, ଏକ ପରମ୍ପରା, ରୀତି ଓ ନୀତି, ଏକ ସମାଜ ହୋଇ, ସେମାନଙ୍କ ପାଖରେ ଜିଲ୍ଲା କି ରାଜ୍ୟର ଭୌଗଳିକ ଓ ରାଜନୈତିକ ସ୍ୱୀକୃତି ବା ମାନ୍ୟତା ନାହିଁ । ସେମାନଙ୍କ ମଧ୍ୟରେ ଅନେକେ, ମାନ୍ୟତା ପାଇବା ପାଇଁ ବିପ୍ଲବକୁ ଯଥାର୍ଥ ମନେ କରନ୍ତି ନାହିଁ ।

ତିରିଶ ଗୋଟି ଜିଲ୍ଲାକୁ ନେଇ ଓଡ଼ିଶା । ଆଗରୁ ଏହା ଉତ୍କଳ ଓ କଳିଙ୍ଗ ବୋଲି ନାମ ପାଇଥିଲା । ଏହାର ଗାଥା ଓ ସଂସ୍କୃତି ପରିବ୍ୟାପ୍ତ । ଜାଭା ଓ ବର୍ଣ୍ଣିଓ କାହିଁକି, ବର୍ମାଠୁ ଆରମ୍ଭ କରି ଆଜି ସାରା ବିଶ୍ୱରେ ଓଡ଼ିଆ ଏକ ସାହିତ୍ୟ ଓ ସଭ୍ୟତା ଭାବରେ ସ୍ୱୀକୃତ । କିଛି ମନ୍ଦିର ଓ ଐତିହାସିକ ପୀଠକୁ କେବଳ ସେହି ଜିଲ୍ଲାର ଗାଥା, ସଂସ୍କୃତି ଓ ପରମ୍ପରା କୁହାଯାଇ ପାରିବ ନାହିଁ । ତାହା ପାଇଁ ଅନ୍ୟାନ୍ୟ ଜିଲ୍ଲା ବାସୀଙ୍କର ମଧ୍ୟ ଅବଦାନ ରହି ଥାଏ । ସେସବୁର ସ୍ଥିତି ଯିବା ଆସିବା, ଦିଆ ନିଆ ଉପରେ ନିର୍ଭର କରେ, ନହେଲେ ଇତିହାସ ହୋଇ ରହିଯାଏ । ବର୍ତ୍ତମାନର ଶାସନର ପ୍ରଚେଷ୍ଟାରେ ଓଡ଼ିଆ ସାହିତ୍ୟ ଭାରତରେ ସଂସ୍କୃତିର ଦରଜା ହାସଲ କରିଛି । କିନ୍ତୁ ଏହା ଆକାଟ୍ୟ ସତ୍ୟେ, ଓଡ଼ିଶା ବା ଓଡ଼ିଆ ସାହିତ୍ୟ, ଗୀତ, ନାଚ, ସଂସ୍କୃତି, ପରମ୍ପରା, ଖାଦ୍ୟ, ପର୍ବ ଇତ୍ୟାଦି କୌଣସି ଗୋଟିଏ ଜିଲ୍ଲାର ନୁହେଁ । ଆମେ ସମସ୍ତେ, ସମସ୍ତଙ୍କୁ ନେଇ ଆମର ଓଡ଼ିଆ ପରିଚୟ । କୌଣସି ଜିଲ୍ଲାକୁ ଛାଡି ଓଡ଼ିଶା ଓ ଓଡ଼ିଆ ରାଜ୍ୟର ପରିକଳ୍ପନା ଅସମ୍ପୂର୍ଣ୍ଣ । ଯେଉଁଠି ବ୍ୟବସାୟ କିମ୍ବା ପ୍ରଶାସନିକ କେନ୍ଦ୍ର ସ୍ଥାପନ ହେଲା, ବିକାଶ ସେହି ଜାଗାରେ ଓ ତାର ପାରିପାର୍ଶ୍ୱିକ ଅଞ୍ଚଳରେ ଗଢି ଉଠିଲା । ଏହା ଏକ ଅନ୍ତର୍ଦେଶୀୟ ପ୍ରକ୍ରିୟା ବା ସଭଷ୍ପରକ୍ୱ-ଭବସ୍ପସକ୍ଟଭବକ୍ଷ କ୍ଷ୍ମରଭକ୍ଟଙ୍କରଭକ୍ଟଭ କୁହାଯିବ । କଲିକତା, ମୁମ୍ବାଇ, ଦିଲ୍ଲୀ ଓ ଚେନ୍ନାଇ ଏହାର ଜ୍ୱଳନ୍ତ ଉଦାହରଣ । ରାଜା ହେଉ କି ମୋଗଲ, ଇଂରେଜ ହେଉ ଅବା ସ୍ୱାଧୀନତା ପରେ ଭାରତର ଗଣତାନ୍ତ୍ରିକ ସରକାର, ଯେଉଁଠି ପ୍ରଶାସନିକ କେନ୍ଦ୍ର କରାଗଲା କିମ୍ବା ଉଚ୍ଛେଦ କରା ହେଲା, ତାହା ବିକଶିତ ହେଲା କିମ୍ବା ଗୁରୁତ୍ୱ ହରାଇଲା । କଟକ ଓ ଭୁବନେଶ୍ୱର ପ୍ରଶାସନିକ କେନ୍ଦ୍ର ଯୋଗୁଁ ଏହା ବୃଦ୍ଧି ପାଇଲା । କଟକ ସ୍ୱାଧୀନତାର ପରବର୍ତ୍ତୀ ସମୟରେ ପ୍ରଶାସନିକ କେନ୍ଦ୍ରନ ହୋଇ ପାରି ଏହାର ଗୁରୁତତ୍ୱ ହରାଇ ବସିଛି । ଆଜି କଳାହାଣ୍ଡି ଅନ୍ୟ ଜିଲ୍ଲା ମାନଙ୍କ ତୁଳନାରେ ଜଳ ସେଚନ ପାଇଁ କୃଷିରେ, ଖଣି ପାଇଁ ଶିଳ୍ପରେ ପୁଣି କୃଷି, ଇଞ୍ଜିନିୟରିଂ, ମେଡିକାଲ୍, ଆଇନ, ଶିକ୍ଷକ, ନର୍ସ ପ୍ରଶିକ୍ଷଣ ଶିକ୍ଷା କେନ୍ଦ୍ର ପାଇଁ, ଶିକ୍ଷାର ସ୍ତରରେ ଯଥେଷ୍ଟ ଆଗେଇ ଚାଲିଛି । ଭବାନୀପାଟଣାର ସହରର ଶ୍ରୀ ବୃଦ୍ଧି ହୋଇ ଚାଲିଛି, କିନ୍ତୁ ଆଜିବି ଲାଞ୍ଜିଗଡ, ମଦନପୁର ରାମପୁର, ଥିଆମୂଲ୍ ରାମପୁର ଗୋଲାମୁଣ୍ଡା ଓ କଲମପୁରର ଅନେକ ଅଞ୍ଚଳ ବିକାଶ ମାର୍ଗର ବହୁ ପଛରେ । ଏପରିକି ସଦର ବ୍ଲକ ହୋଇ, ଯୁଗସାହି ପାଟଣା, କର୍ଲାପଡ଼ା ଓ ବୋର୍ଡ଼ା ବହୁ ପଛରେ । ଭାରସାମ୍ୟ ନ ରହିବା ପାଇଁ କିଏ ଦାୟୀ ? ସବୁ ବ୍ଲକରେ ଗୋଟିଏ ଗୋଟିଏ ଶିକ୍ଷା କେନ୍ଦ୍ର (କୃଷି, ମେଡିକାଲ୍, ଇଞ୍ଜିନିୟରିଂ, ଆଇନ, ବିଇଡି ଇତ୍ୟାଦି) କରିଥିଲେ, କିମ୍ବା ଜିଲ୍ଲାର ସବୁ ଜିଲ୍ଲା ସ୍ଥରୀୟ ଅଫିସକୁ ବିଭିନ୍ନ ବ୍ଲକରେ ରଖିଥିଲେ, ସବୁ ବ୍ଲକ ବିକଶିତ ହୋଇ ଥାଆନ୍ତା । ଏହା କିନ୍ତୁ ଖର୍ଚ୍ଚ ସାପେକ୍ଷ ହୁଅନ୍ତା ନାହିଁ । ପଶ୍ଚିମ ଓଡ଼ିଶା ହେଉ କିମ୍ବା ଉପକୂଳ ଓଡ଼ିଶା ହେଉ, ଉତ୍ତର ହେଉ କି ଦକ୍ଷିଣ, ଏକ ଟଙ୍କିଆ ଚାଉଳ ନପାଇ, ସେହି ଚାଉଳକୁ ଆଉଥରେ ତିରିଶ ରୁ ଅଧିକ ଟଙ୍କା ଦେଇ ଗରିବ କିଣିବା ପାଇଁ ବ୍ୟାକୁଳ ହେଉଛନ୍ତି । କଳାହାଣ୍ଡି କାହିଁକି, କଟକରୁ ପନ୍ଦର କିଲୋମିଟର ଦୂରରେ ଆଜିବି ଗାଁ ଅଛି କିନ୍ତୁ ସେଇଠି ରାସ୍ତା, ବିଜୁଳି, ପାଣିର ବ୍ୟବସ୍ଥା ନାହିଁ । ଝୋପଡ଼ି ଘର, ରାଜ୍ୟର ଚକଚକିଆ ରାଜଧାନୀ ଭୁବନେଶ୍ୱରକୁ ଧାରଣ କରିଥିବା ଖୋର୍ଦ୍ଧା ଜିଲ୍ଲାରେ ବି, ଆଜି ଦେଖିବାକୁ ମିଳୁଛି । ବିଦ୍ୟାଳୟ ଛାଡି ଶିଶୁ ଏବେବି ଦୋକାନ ଓ ହୋଟେଲରେ କାମ କରୁଛନ୍ତି । ଶେଷରେ ଏହି ପ୍ରଶ୍ନ ଯଥାର୍ଥ, କୋଶଳ ଓ ଓଡ଼ିଶା ଦୁଇ ରାଜ୍ୟରେ ବିଭକ୍ତ ହେଲେ, ପଶ୍ଚିମାଞ୍ଚଳ 'ଓଡ଼ିଆ' ନାଁ ନିଜେ ହରାଇବ ଓ 'ଓଡ଼ିଶା' ନା ଯଦିବା ଉପକୂଳ ଅଞ୍ଚଳ ପାଏ, ଓଡ଼ିଶା ରାଜ୍ୟ ଓ ସଂସ୍କୃତି କୋଶଳର ଶାଢ଼ୀ, ଗୀତ ବାଦ୍ୟ, ସଂସ୍କୃତି ଓ ବ୍ୟଞ୍ଜନ ବିନା ଶ୍ରୀ ବିହିନ ହୋଇଯିବ । କିନ୍ତୁ ମନେହୁଏ, ଓଡ଼ିଶା ସାହିତ୍ୟର ଯଦିଓ କିଛି ନଷ୍ଟ ହେବନାହିଁ, ତଥାପି ଓଡ଼ିଆ ସାହିତ୍ୟ କାହାର ନ ହୋଇ, ମନେହୁଏ, ଅନାଥ ହୋଇଯିବ । ଦ୍ୱିତୀୟ ପ୍ରଶ୍ନ, ଆଦିବାସୀ-ଜନଜାତି କୋଶଳର ହେବେ ନା ଓଡ଼ିଶାର ହେବେ ? ଏହି ପରିସ୍ଥିତିରେ, ସାନ୍ଥାଳୀ, ବଣ୍ଡା, ସୌରାଙ୍କ ଅନ୍ୟ ରାଜ୍ୟ ଦାବି କାହିଁକି ଯଥାର୍ଥ ହେବ ନାହିଁ ? ତେବେ ଓଡ଼ିଶା ଓ ଭାରତ କେତୋଟି ରାଜ୍ୟ ହେବା ଉଚିତ୍ ଓ ଏହାର ଉତ୍ତର କିଏବା ରଖିବ । ଓଡ଼ିଶା ଭାଗ ହେଲେ ସୁନ୍ଦା, ରାଞ୍ଚି, ଜାମସେଦପୁର, ଚାଇବସା ଇତ୍ୟାଦିର ବିଚ୍ଛିନ୍ନ ଓଡ଼ିଆ, ନିଜକୁ ଓଡ଼ିଆ କହିବେ, ରଙ୍ଗବତୀ ଓ ଓଡ଼ିଆ ଭଜନ ଶୁଣିବେ, ହଜାରେ ପ୍ରକାର ଓଡ଼ିଆ ଚଟଣି ବିଲାତି, ଆଳୁ, ବଡି, ପୋଟଳ, ଚିଙ୍ଗୁଡ଼ି ଇତ୍ୟାଦି ବାଟି, ଓଡ଼ିଆ ପଖାଳ ଖାଇବେ । ହଜାରେ ପ୍ରକାର ପିଠା କାକରା, ପୋଡ, ଆରିସା, ଲହୁଣୀ, ସାରୁ ପତ୍ର, ମଣ୍ଡା, ସର ଇତ୍ୟାଦି କରି ନାନା ପ୍ରକାର ପର୍ବ, ରଜ, ନୂଆଖାଇ, ଶରାହି ଓ ପୂର୍ଣ୍ଣିମା, ଓଡ଼ିଆ ମାନେ ପାଳନ କରିବେ ।

ଉପକୂଳ ଓ କୋଶଳ ରାଜ୍ୟ ହେଲେ, ଓଡ଼ିଆ ସାହିତ୍ୟ ଓ ଭୂଗୋଳ ହାରିଛି ଓ ହାରିଜଯିବ, କିନ୍ତୁ ମୁଷ୍ଟିମେୟ ସ୍ୱାର୍ଥି ଜୀତି ଯିବେ । ଜାମସେଦପୁର, ଚାଇବସା ଇତ୍ୟାଦିରେ ଯେଉଁ ଓଡ଼ିଆ ଢଗ, ଢମାଣି, ଲୋକ ଗୀତ ଓ ଗଳ୍ପ, ବ୍ୟଞ୍ଜନ, କଳା ଓ ସ୍ଥାପତ୍ୟ ଓଡ଼ିଆ ନା ହରାଉଛି ଓ ବିଲୁପ୍ତ ହେଉଛି, ତାକୁ ଉଦ୍ଧାର କରିବ କିଏ, ନା ଉପକୂଳ ନା କୋଶଳ ରାଜ୍ୟ ? ଇଂରାଜୀ ଓ ଇଂରେଜ ଅଷ୍ଟ୍ରେଲିଆ, ଇଉରୋପ ଓ ଆମେରିକାରେ ଏକ ହେଲା ବେଳକୁ ଆମେ ସମୃଦ୍ଧ ପଥର ଓଡ଼ିଶାକୁ ଉପକୂଳ ଓ କୋଶଳରେ ବିଭକ୍ତ କରିବାକି ?



ଡୁଇଟ ଡେଭିଡ ଫିଲିପ

*ଆଇନ ଜୀବୀ ଓ ସମାଜ ସେବୀ*
*ମୋ: ୯୪୩୭୧୦୪୩୦୩*

# 'ଗିରିଶିଖେ ଲୟରଖି ଚାଲିବି ମୁକର'

## *ଜନସେବାରେ ଆଲୋକିତ ଏକ ମହାର୍ଘ ଜୀବନ : ପ୍ରେମଲତା ପାଲ*

ସଂସାରରେ ତିନି ପ୍ରକାର ଲୋକ ଥାଆନ୍ତି ଯଥା ନୀଚ ବା ଅଧମ, ମଧ୍ୟମ ଏବଂ ଉତ୍ତମ । କୌଣସି କାର୍ଯ୍ୟ ଆରମ୍ଭ କଲେ କାଳେ କିଛି ବିଘ୍ନ ଘଟିବ ସେଥିପାଇଁ ଅଧମ ବ୍ୟକ୍ତି କୌଣସି କାମ ଆରମ୍ଭ କରନ୍ତି ନାହିଁ । କାମ ନକରିବା ଫଳରେ ସେମାନେ ଦୁଃଖ କଷ୍ଟରେ ଚଳନ୍ତି । ଯେଉଁମାନେ କୌଣସି କାମ କରନ୍ତି କିନ୍ତୁ ବିଘ୍ନ ସୃଷ୍ଟି ହେଲେ ଅଧାରୁ କାମ ଛାଡ଼ି ଦିଅନ୍ତି ସେମାନଙ୍କର ଚେଷ୍ଟା ବିଫଳ ହୁଏ ଧନ ହାନୀ ଘଟେ, ପ୍ରାଣପୀଡ଼ା ହୁଏ । ସେମାନେ ମଧ୍ୟମ ବ୍ୟକ୍ତି । ସଂସାରରେ ଆଉ କେତେକ ଲୋକ ଅଛନ୍ତି ଯେଉଁମାନେ କାମ ଆରମ୍ଭ କରନ୍ତି କାମରେ ବିଘ୍ନ ଜୁଟିଲେ ମଧ ସଫଳତା ଅର୍ଜନ ନକଲା ପର୍ଯ୍ୟନ୍ତ କାମକୁ ଛାଡ଼ି ଯେତେ କାମରେ ବାଧାବିଘ୍ନ ଆସିଲେ ମଧ କାମରେ ସଫଳତା ନ ଆସିବା ପର୍ଯ୍ୟନ୍ତ ସେ ବିରତ ହୁଅନ୍ତି ନାହିଁ । ସେ ହିଁ ଉତ୍ତମ । ଏହିପରି ଉତ୍ତମ ଓ ନୀତିନିଷ୍ଠ ବ୍ୟକ୍ତିମାନେ ହିଁ ଜୀବନରେ ଉନ୍ନତି କରନ୍ତି ଯାହା ସ୍ୱର୍ଗତଃ ପ୍ରେମଲତା ପାଲଙ୍କ ଠାରେ ଦେଖାଯାଇଥିଲା । ସମ୍ପର୍କରେ ଥିଲେ ସେ ମୋ ଖୁଡ଼ୀ । ସମୟର ଉଜାଣି ସୁଅ ଭିତରେ ମନେପଡୁଛି ଅନେକ କଥା । ମୋ ସ୍ୱର୍ଗତଃ ଦାଦା କୃଷ୍ଣଚନ୍ଦ୍ର ପାଲ ପାରାଦ୍ୱୀପ ପୋର୍ଟର ଜଣେ ସହକାରୀ ଇଞ୍ଜିନିୟର ଭାବେ କୃତୀତ୍ୱର ସହ ନିଜ କର୍ମମୟ ଜୀବନ ଅତିବାହିତ କରୁଥିବାବେଳେ ହିଁ ତାଙ୍କ ଜୀବନ ଦୀପ ଅକାଳରେ ନିର୍ବାପିତ ହୋଇଗଲା । ସେ ସମୟରେ ଖୁଡ଼ୀ ଅନେକ କଷ୍ଟ ସହିଛନ୍ତି । ତାଙ୍କ ବଡ଼ପୁଅ ରଶ୍ମୀରଞ୍ଜନ ସେତେବେଳେ ପଞ୍ଚମ ପଢୁଥାଏ । ଦୁଇପୁଅ ରଶ୍ମୀରଞ୍ଜନ ଓ ଜ୍ଞାନରଞ୍ଜନ, ଝିଅ କସ୍ତୁରୀ ଓ ଶୁଭଲକ୍ଷ୍ମୀଙ୍କୁ ସେ ପାଠପଢ଼ାଇ ମଣିଷ କରି ଆଜି ସମାଜରେ ଜଣେ ଯୋଗ୍ୟତମ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି । ଜଗତସିଂହପୁର ଜୈନାବାଦ ସନ୍ନିକଟ ସାନିଲୋରେ ପ୍ରେମଲତା ପାଲଙ୍କ ଜନ୍ମସ୍ଥାନ । ତାଙ୍କ ଜୀବନର ସ୍ୱତନ୍ତ୍ର ଗୁଣ ହେଉଛି ସେ ଯାହାକୁ ଘରେ ଦେଖିବା ମାତ୍ରେ ଖାଲି ପେଟରେ ଛାଡ଼ିବେ ନାହିଁ ନିଶ୍ଚୟ କିଛି ହାତ ତିଆରି ଜିନିଷ ପେଟ ଭରି ଖୋଇବେ । ନାରୀ ଶିକ୍ଷାର ଜଣେ ଜାଗ୍ରତ ପ୍ରହରୀ ସେ ଥିଲେ । ମାଆ ଶାରଳାଙ୍କ ଆରାଧନା କରିବା ସହ ଲକ୍ଷ୍ମୀ ପୁରାଣ ଓ ମା'ଶାରଳାଙ୍କ ସ୍ତୁତିପାଠ ନିତିଦିନ ସେ କରୁଥିଲେ । ତାଙ୍କ ସ୍ନେହ ଆଶୀର୍ବାଦରେ ଆମ ସେପଟ ଅଞ୍ଚଳର ଅନେକ ଝିଅ ପାଠପଢ଼ି ଚାକିରୀ କରି ଆଜି ଅତ୍ୟନ୍ତ ଯୋଗ୍ୟ ହୋଇପାରିଛନ୍ତି । ତାଙ୍କ ଜଣାତରେ ଯାହାଘରେ କୌଣସି ଅଭାବ ଅସୁବିଧା ସେ ଦେଖୁଥିଲେ ସେ ଖୋଲା ହାତରେ ଅକାତରରେ ସାହାଯ୍ୟ କରିବା ପାଇଁ ତିଳେ ମାତ୍ର କୁଣ୍ଠା କରୁନଥିଲେ । ବୃକ୍ଷ ରୋପଣ ଠାରୁ ଅଭାବୀ ନିରାଶ୍ରୟ ରୋଗୀ ମାନଙ୍କୁ ସେବା କରିବା, ବନ୍ୟା, ବାତ୍ୟା ଓ ଅଭାବ ସମୟରେ ଲୋକମାନଙ୍କୁ ଖୋଲା ମନରେ ସାହାଯ୍ୟ କରିବାରେ ତାଙ୍କର ତିଳେ ମାତ୍ର କାର୍ପଣ୍ୟତା ନଥିଲା ।

ମଣିଷକୁ ମଣିଷ ବୋଲି ଦେଖି ତାକୁ ଭଲ ପାଇଲେ ଭଗବାନ ସନ୍ତୁଷ୍ଟ ହେବେ । ଅନ୍ୟକୁ ସାହାଯ୍ୟ କରିବା ପାଇଁ ଉପକରଣ, ସାଧନ ଯୋଗାଇ ଦେଲେ ସୃଷ୍ଟି ସୁନ୍ଦର ହେବ, ସୁଖମୟ ହେବ ଏହା ହିଁ ଭଗବାନ ଚାହାଁନ୍ତି । ପ୍ରେମଲତା ପାଲଙ୍କ ପ୍ରଗାଢ଼ ନିଷ୍ଠ ଆତ୍ମବିଶ୍ୱାସ, ସାଧନା, ଅମାୟିକ ବ୍ୟବହାର ଓ ସହିଷ୍ଣୁତାର ପରିଚୟ ଅନ୍ୟ ମାନଙ୍କ ପାଇଁ ଶିକ୍ଷଣୀୟ । ପ୍ରବଳ ପବନରେ ସାଧାରଣ ବୃକ୍ଷଟିଏ ଭାଙ୍ଗି ପଡ଼େ ମାତ୍ର ପାହାଡ଼ କେବେ ବିଚଳିତ ହୁଏନା । ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଭାଷାରେ 'ଗିରିଶିଖେ ଲୟରଖି ଚାଲିବି ମୁକର'କୁ ଆଦର୍ଶ ଭାବି ମନକୁ ଦୃଢ଼ କରି ପ୍ରଖର ସ୍ରୋତରେ ଭାସି ନଯାଇ ସେ କେବଳ ନିଜେ କୂଳରେ ଲାଗି ନାହାଁନ୍ତି ବରଂ ଦଳକୁ ଏପରି ସଫଳତାର କୂଳରେ ଲଗାଇଛନ୍ତି ଯେ ତାହା କଳ୍ପନାର ବାହାରେ ।

ମଣିଷର ଜୀବନ ଅନେ ଅନେକ ଅସରନ୍ତି ସ୍ମୃତି, ଅଭୁଲା କୃତି ଓ ବିସ୍ମୃତିରେ ଭରା । ଜୀବନର ଚଲାବାଟରେ ପଦପାତ କରୁଥିଲାବେଳେ ସେ ଭେଟେ ଅଜସ୍ର ବ୍ୟକ୍ତିତ୍ୱମାନଙ୍କୁ, ଅସଂଖ୍ୟ ଚିହ୍ନା-ଅଚିହ୍ନା ମୁହଁ ମାନଙ୍କୁ । ପଦଚାରଣ କଲାବେଳେ ଜୀବନର ଯାତ୍ରା ପଥରେ କେଉଁ ଜଣା ଅଜଣା ମୁହଁମାନେ ତାକୁ ଭଲ ଲାଗନ୍ତି, କେହି ହସରେ, ଖୁସିରେ ଚାହିଁ ଦେଇଯାଏ, କିଏ ଆନନ୍ଦରେ ଆଗ୍ରହରେ ପଦେ ଦି'ପଦ କଥା ହୁଏ ତ କିଏ ପୁଣି ମୁହଁ ଫେରେଇ ନିଏ ଏ ବସ୍ତୁବାଦୀ ଦୁନିଆଁରେ । ସମୟର ଅସରନ୍ତି ଛନ୍ଦପତନର ଏହା ହିଁ ବୋଧହୁଏ ଅଲିଖିତ ନିୟମ । ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ । ଧର୍ମ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ ତା ଭିତରେ ଥିବା କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ଦୂରେଇଦିଏ । ଯିଏ ଅହଂକାରୀ ହୁଏ ଏବଂ ଆପଣାର ନିୟନ୍ତ୍ରିତ ହୋଇ କାର୍ଯ୍ୟ କରେ ସେ ଅନ୍ୟର ଉପକାର କରିପାରେ ନାହିଁ । ଅହଂକାରୀ ବ୍ୟକ୍ତି କହେ ମୁଁ ସବୁର କର୍ତ୍ତା । ଅନ୍ୟର କଲ୍ୟାଣ ବା ପରୋପକାର ଭଗବାନଙ୍କର ବିଚିତ୍ର ଲୀଳା ବା ଇଛା ଅନୁସାରେ ନାନାରୂପ ଧାରଣ କରିଥାଏ । ସେହିପରି ବିନୀତ ଓ ହୃଦୟବାନ ମନୁଷ୍ୟ ପ୍ରତି ଭଗବାନଙ୍କର କରୁଣା ସର୍ବଦା ଥାଏ । ସେଥିପାଇଁ ସେ ଜୀବନର ସବୁ ସ୍ତରରେ ନିଜର ସଫଳ ମଣିଷ ଭାବରେ ନିଜକୁ ପ୍ରମାଣିତ କରିଥାଏ । ରକ୍ତ ମାଂସର ଶରୀର ଚିରସ୍ଥାୟୀ ନୁହେଁ । ମାତ୍ର ଜୀବଦଶାରେ ସିଏ ଯାହା ଯାହା କରି ଯାଇଥାଏ ତାହା ଅମ୍ଳାନ ହୋଇ ରହିଥାଏ ଯୁଗ ଯୁଗକୁ । ଚନ୍ଦ୍ର, ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ତାଙ୍କ ତ୍ୟାଗ, ସମର୍ପଣ ଓ ନିଷ୍ଠା ଅମ୍ଳାନ ହୋଇ ରହିଥିବ ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,*
*ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩*

# ଭାରତ,ଯୁଦ୍ଧ ଓ ଶାନ୍ତି

ବିଶ୍ୱ ଦେଖି ସାରିଛି ଦୁଇ ଦୁଇଟି ବିଶ୍ୱ ଯୁଦ୍ଧର ଭୟାବହ ବିଭିଷିକା । ୧୯୧୪ ରୁ ୧୯୧୮ ଓ ୧୯୩୯ ରୁ ୧୯୪୫ ,ଦେଖିଛି ଅଗଣିତ ପୋଡ଼ା ମଣିଷର ବିଭତ୍ସ ଦେହ ଓ ଶୁଣିଛି ଅଧାପୋଡା, କ୍ଷତାକ୍ତ, ରକ୍ତ ଜୁଡୁବୁଡୁ ସର୍ବହରା ମଣିଷର ବିକଳ ଚିତ୍କାର । ତଥାପି ବିଶ୍ୱରେ ସବୁ ଦେଶ ଭିତରେ ଚାଲିଛି ବିଭିନ୍ନ ମାରାତ୍ମକ କ୍ଷେପଣାସ୍ତ୍ର ଉଦ୍ଭାବନର ତୀବ୍ର ପ୍ରତିଯୋଗିତା । ଏଟମ ବମ୍, ନିୟୁକ୍ଲିୟର ବମ୍, ହାଇଡ୍ରୋଜେନ ବମ୍, ଆନ୍ତରମହାଦେଶୀୟ ବାଲିଷ୍ଟିକ କ୍ଷେପଣାସ୍ତ୍ରର ପରୀକ୍ଷଣ ଓ ଯୁଦ୍ଧ ପ୍ରସ୍ତୁତି । ଯଦି କେବେ ତୃତୀୟ ବିଶ୍ୱ ଯୁଦ୍ଧ ହୁଏ, କେଉଁ ବମ୍ ଓ କେଉଁ କ୍ଷେପଣାସ୍ତ୍ରର ପ୍ରୟୋଗ ହେବ, ସେକଥା ସମୟ କହିବ । ୧୯୪୫ ଅଗଷ୍ଟ ଛଅ ଓ ନଅ ରେ ଜାପାନର ହିରୋସୀମା ଓ ନାଗାସାକୀ ସହର ଧ୍ୱଂସ ହୋଇଥିଲା ଗୋଟିଏ ଗୋଟିଏ ବୋମା ମାଡ଼ରେ । ସେହି ବୋମା ଠାରୁ ବୋଧହୁଏ ହଜାରେ ଗୁଣ ଅଧିକ ଶକ୍ତିଶାଳୀ ବୋମା ତିଆରି ହୋଇ ସାରିଛି ଯାହା ଏକାଥରେ କେତୋଟି ଦେଶକୁ କବର ସ୍ଥାନରେ ପରିଣତ କରି ପାରିବ କେଇ ମୂହୁର୍ତ୍ତରେ । ବିଶ୍ୱ ହିତ ପାଇଁ ଯେଉଁ ଅଣୁ ପରମାଣୁ ଶକ୍ତି ଉଦ୍ଭାବନ ହୋଇଥିଲା, ତାହା ବିଶ୍ୱର ଧ୍ୱଂସ ପାଇଁ ବ୍ୟବହାର କରାଯାଉଛି ଅହଂକାରୀ ମଣିଷ ଦ୍ୱାରା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ କିଛି ସାମ୍ବାଦିକ ଜଣେ ମହାନ ଚିନ୍ତାଶୀଳ ବୈଜ୍ଞାନିକଙ୍କୁ ପ୍ରଶ୍ନ ପଚାରିଥିଲେ,ଆପଣ ତ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯାହା ଘଟିଲା ଦେଖିଛନ୍ତି,ମହାଶୟ ଦୟାକରି କହିବେ କି ତୃତୀୟ ବିଶ୍ୱଯୁଦ୍ଧରେ, ଯଦି କେବେ ଘଟେ,କେଉଁ ଅସ୍ତ୍ର କ୍ଷେପଣାସ୍ତ୍ରର ପ୍ରୟୋଗ ହେବ ? ସେହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ବୈଜ୍ଞାନିକ ମହାଶୟ କହିଥିଲେ, ତୃତୀୟ ବିଶ୍ୱଯୁଦ୍ଧରେ କ'ଣ ବ୍ୟବହାର ହେବ ସେକଥା ମୁଁ କହି ପାରିବିନି , କିନ୍ତୁ ଚତୁର୍ଥ ବିଶ୍ୱଯୁଦ୍ଧରେ କ'ଣ ବ୍ୟବହାର ହେବ, ତାହା ମୁଁ କହି ପାରିବି । ଆଶ୍ଚର୍ଯ୍ୟ ଚକିତ ସାମ୍ବାଦିକ ମାନେ ପଚାରିଥିଲେ କ'ଣ ବ୍ୟବହାର ହେବ ମହାଶୟ ? ଉତ୍ତରରେ ସେ କହିଥିଲେ, ପଥର, ଠେଙ୍ଗା, ଧନୁତୀର । ଏହାର ଅର୍ଥ ଯଦି କେବେ ତୃତୀୟ ବିଶ୍ୱଯୁଦ୍ଧ ହୁଏ, ତା'ହେଲେ ଆଉ କିଛି ବାକି ରହିବନି । ସବୁକିଛି ଧ୍ୱଂସ ସ୍ତୁପରେ ପରିଣତ ହେବ । ପୁଣିଥରେ ଏ ସୁନ୍ଦର ସଭ୍ୟତା ଫେରିଯିବ ଆଦିମ ସଭ୍ୟତାକୁ । ଏବେ ଚାଲିଛି ଯୁଦ୍ଧ ଇସ୍ରାଏଲ ଓ କେତୋଟି ଦେଶ ସମର୍ଥିତ ହମାସ ଆତଙ୍କବାଦୀ ଭିତରେ । ଗଣହତ୍ୟା, ଧର୍ଷଣ, ଛୋଟ ଛୋଟ ପିଲାଙ୍କୁ ପଛପଟୁ ହାତବାନ୍ଧି ଗୁଳି କଲେ ପ୍ରଥମେ ଆତଙ୍କବାଦୀ ଅଚାନକ ଏକ କାଳ ରାତିରେ । କ'ଣ ଦୋଷ ଥିଲା ସେହି ନିରୀହ ଲୋକମାନଙ୍କର ? ଏହାର ଯବାବ୍ ଦେଲା ଇସ୍ରାଏଲ ସ୍ୱାଭାବିକ ଭାବେ । ଯେକୌଣସି ଦେଶ ବି ଏମିତି ଏଇଆ କରିଥାନ୍ତେ ଯାହା ଇସ୍ରାଏଲ କଲା । ଏବେ ଚାଲିଛି ଘମାଘୋଟ ଲଢେଇ । ଏମିତି କହି ମୁଁ ଯୁଦ୍ଧକୁ ମୋଟେ ସମର୍ଥନ କରୁନି । ମୋର କେବଳ ଏତିକି କହିବା କଥା ଯେଉଁ ଆତଙ୍କବାଦୀମାନେ ଆକ୍ରମଣ କଲେ ପ୍ରଥମେ, କ'ଣ ଲାଭହେଲା ସେମାନଙ୍କର ? ସେମାନଙ୍କର କ'ଣ ନିଜର ପରିବାର ନାହିଁ? ସେମାନଙ୍କର ପରିବାର ଉପରେ ଯଦି ଏମିତି ବର୍ବରତାର ଚାବୁକ ମାଡ଼ ବସିଥାଆନ୍ତା , ତାହେଲେ ସେମାନେ କ'ଣ ନୀରବରେ ବସିଥାଆନ୍ତେ ?ସେମାନଙ୍କୁ ଯେଉଁମାନେ ସବୁ ପ୍ରକାରର ସାହାଯ୍ୟ ସମର୍ଥନ ଯୋଗେଇ ଦେଉଛନ୍ତି, ସେମାନଙ୍କର ଉଦ୍ଦେଶ୍ୟ କ'ଣ ? ଏ ଯୁଦ୍ଧକୁ ନେଇ କିଛି ଦେଶ ହମାସ ଆତଙ୍କବାଦୀ ଗୋଷ୍ଠୀକୁ ସମର୍ଥନ କରୁଥିଲା ବେଳେ ଅନ୍ୟ କିଛି ଉନ୍ନତ ଦେଶ ଇସ୍ରାଏଲ ସହିତ ଠିଆ ହୋଇଛନ୍ତି । ଏ ଯୁଦ୍ଧର ପରିଣତି କ'ଣ ହେବ ସେକଥା କେବଳ ସମୟ ଜାଣିଛି । ଅନ୍ୟପଟେ ରୁଷିଆ ଆଉ ୟୁକ୍ରେନ ଭିତରେ ବର୍ଷେ ? ହେଲାଣି ଲାଗିଛି ଯୁଦ୍ଧ । ୟୁକ୍ରେନ ନିଜର ସାର୍ବଭୌମତ୍ୱ ବଜାୟ ରଖିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛି । ଜିଦ୍‌ଖୋର ପୁଟିନ୍ କିନ୍ତୁ ୟୁକ୍ରେନକୁ ତଳିତଳାନ୍ତ କରି ନିଜ ଦେଶର ଅକ୍ତିଆରକୁ ଆଣିବାକୁ ଚେଷ୍ଟିତ । ଏ ଯୁଦ୍ଧକୁ ନେଇ ବି ବିଶ୍ୱର ଦେଶ ମାନଙ୍କ ଭିତରେ ନାନା ମତ । ସିଧାସଳଖ ରୁଷିଆ ବିରୋଧରେ ଲଢ଼ିବାକୁ କୌଣସି ଦେଶ ଆଗକୁ ଆସି ନାହାନ୍ତି ସତ, କିନ୍ତୁ କେତେକ ୟୁରୋପିଆନ ଦେଶ ୟୁକ୍ରେନକୁ ସବୁ ପ୍ରକାରର ଯୁଦ୍ଧାସ୍ତ୍ର ଯୋଗେଇ ଦେଉଛନ୍ତି । ଦେଶ ଦେଶ ଭିତରେ ଚାଲିଛି ଛାୟା ଯୁଦ୍ଧ ଓ ଶୀତଳ ଯୁଦ୍ଧ । କେତେବେଳେ ପରିସ୍ଥିତି କ'ଣ ହେବ, ତାହା କେବଳ ଈଶ୍ୱର ଜାଣନ୍ତି । ଖୁସିରେ ଶାନ୍ତିରେ ଜୀବନଯାପନ କରିବା ପାଇଁ ଈଶ୍ୱର ଆମକୁ ତ ସବୁକିଛି ଦେଇଛନ୍ତି । ଜନ୍ମ ନେଇଛନ୍ତି, କେଇଦିନ ଏ ପାନ୍ଥଶାଳାରେ ରହିବା, ସମୟ ସରିଗଲେ ଆମେ ପୁଣି ଫେରିଯିବା । ତେବେ ଏତେ ଘୃଣା, ଅତ୍ୟାଚାର, ଅନ୍ୟାୟ, ରକ୍ତପାତ, ହତ୍ୟାର ତାଣ୍ଡବଲୀଳା କ'ଣ ପାଇଁ ?ଏହାର ଉତ୍ତର ବୋଧହୁଏ ଆମ ଅହଂକାରୀ ମନର ଭାବନା, ଅନ୍ୟକୁ ନିଜର ଅକ୍ତିଆରରେ ରଖିବାର କୁତ୍ସିତ ଚିନ୍ତାଧାରା । ଯେଉଁମାନେ ବିଶ୍ୱ ପ୍ରସିଦ୍ଧ ଲେଖକ ଲିଓ ଟଲଷ୍ଟୟଙ୍କ ଗଳ୍ପ, ଜଣେ ମଣିଷ ପାଇଁ କେତେ ଜାଗା ଦରକାର, ପଢିଥିବେ, ସେମାନେ ଅନୁଭବ କରିଥିବେ ଜୀବନର ବାସ୍ତବତାକୁ । ଗଳ୍ପର ନାୟକ ପେହମ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରୁ ଦିନସାରା ଗୈଡ଼ି ଗୈଡ଼ି ଅନେକ ଜମି ନିଜ ଅକ୍ତିଆରକୁ ଆଣିଲା । କିନ୍ତୁ ଉପଭୋଗ କରି ପାରିଲାକି ? ଯେଉଁଠୁ ସେ ଗୈଡ଼ିବା ଆରମ୍ଭ କରିଥିଲା, ସର୍ତ୍ତ ମୁତାବକ ସୂର୍ଯ୍ୟାସ୍ତ ପୂର୍ବରୁ ସେ ସେହି ଜାଗାରେ ପହଞ୍ଚିଲା ସତ କିନ୍ତୁ ଆଉ ଉଠିଲାନି । କି କରୁଣ ପରିସ୍ଥିତି ସତରେ ! ଆୟରଲ୍ୟାଣ୍ଡର ବିଖ୍ୟାତ କବି, ଔପନ୍ୟାସିକ ଓ ସାହିତ୍ୟ ସମାଲୋଚକ ଏହି ଗଳ୍ପଟି ଉପରେ ତାଙ୍କ ଝିଅ ଲୁସିଆ କୁ ଗୋଟିଏ ଚିଠିରେ ଲେଖିଥିଲେ, 'Dear daughter Lucia, the story, How much land does a man need ? by Leo Tolstoy is the greatest story that the literature of the world knows'. ଏ ଗଳ୍ପରେ ଅଛି ଜୀବନର ପ୍ରତିଛବି । ବିଶ୍ୱର ଯେତେ ଧର୍ମ ଅଛି ସବୁ ଧର୍ମର ମୂଳତତ୍ତ୍ୱ ଶାନ୍ତି, ଦୟା, କ୍ଷମା,ସେବା ପରୋପକାର ଓ ମଣିଷ ପଣିଆ । ସବୁ ଜାଣି , ସବୁକିଛି ବୁଝି ତଥାପି କାହିଁକି ଆମେ ଯୁଦ୍ଧକୁ ଆହ୍ୱାନ କରୁଛୁ, ଅଶାନ୍ତିକୁ ଡାକୁଛୁ ?ଗୋଟିଏ ଦେଶ ଆଉ ଗୋଟିଏ ଦେଶକୁ ବୋମା ଆଉ କ୍ଷେପଣାସ୍ତ୍ରରେ ଆକ୍ରମଣ କରିବା ଓ ଆକ୍ରମଣର ଶିକାର ହୋଇଥିବା ଦେଶ ତା'ର ଯବାବ୍ ଦେବାକୁ ଆମେ ଯୁଦ୍ଧ ବୋଲି କହୁ । ତାପରେ ପରସ୍ପରର ବନ୍ଧୁ ରାଷ୍ଟ୍ର ଉଭୟ ପଟରେ ରହି ଯୁଦ୍ଧରତ ରାଷ୍ଟ୍ରକୁ ସାହାଯ୍ୟ ସମର୍ଥନ ଯୋଗେଇ ଦିଅନ୍ତି କିମ୍ବା ସିଧାସଳଖ ବନ୍ଧୁ ରାଷ୍ଟ୍ର ପାଇଁ ମଇଦାନକୁ ଓହ୍ଲେଇ ଆସନ୍ତି । ତାପରେ ମୃତ୍ୟୁ ଓ ଧ୍ୱଂସର ଉଲଗ୍ନ ନୃତ୍ୟ । ସ୍ୱାଧୀନତା ପରେ ଆମ ଦେଶ ଉପରେ ପାଂଚଥର ଯୁଦ୍ଧକୁ ଲଦି ଦିଆଯାଇଛି । ଠିକ୍ ସ୍ୱାଧୀନତା ପରେ ପରେ କାଶ୍ମୀରକୁ ନେଇ ପାକିସ୍ତାନ ଭାରତ ଉପରେ ରାତି ଅଧରେ ଆକ୍ରମଣ କରିଛି । ସେହି ଯୁଦ୍ଧର ନିର୍ଯାସ ଏଯାବତ ବାହାରିନି । ସିଧାସଳଖ ନହେଲେ ବି ପ୍ରଚ୍ଛନ୍ନ ଭାବରେ ପାକିସ୍ତାନ ଆତଙ୍କବାଦୀ ସୃଷ୍ଟି କରି ସେହି ମାନଙ୍କ ଦ୍ୱାରା ଭାରତରେ ରକ୍ତପାତ କରାଉଛି । ୧୯୬୨ ରେ ଚୀନ୍ ଭାରତ ଉପରେ ଆକ୍ରମଣ କରିଛି ସାମ୍ରାଜ୍ୟ ବାଦର କୁତ୍ସିତ ଚିନ୍ତାଧାରା ନେଇ । ହିନ୍ଦୀ ଚାଇନା ଭାଇ ଭାଇର ନାରା ପଛରେ ରହି ଭାରତକୁ ପଛପଟୁ ଆକ୍ରମଣ କରିଛି ଚୀନ୍ । ୧୯୬୫ ରେ ପୁଣି ଆମକୁ ଆକ୍ରମଣ କରିଛି ପାକିସ୍ତାନ ଅତର୍କିତ ଭାବରେ । ୧୯୭୧ ଯୁଦ୍ଧରେ କିନ୍ତୁ ଦୁଷ୍ଟକୁ ଦମନ କରିଛି ଭାରତ । ସୃଷ୍ଟି ହୋଇଛି ନୂଆ ଦେଶ ବାଙ୍ଗାଲାଦେଶ । ଦୁଇଖଣ୍ଡ ହୋଇଛି ପାକିସ୍ତାନ । ୧୯୯୯ ରେ କାର୍ଗିଲ୍ ଯୁଦ୍ଧରେ ଯାହା ଘଟିଲା ତାହା ବିଶ୍ୱ ଦେଖିଛି । ସବୁଥର ଶୋଚନୀୟ ଭାବେ ପରାସ୍ତ ହେବା ପରେବି ପାକିସ୍ତାନ ତା'ର ଯୁଦ୍ଧଖୋର ମନୋଭାବରେ ପରିବର୍ତ୍ତନ ଆଣିବା ଭଳି ଦେଖା ଯାଉନି । ଶାନ୍ତିପୂର୍ଣ୍ଣ ସହାବସ୍ଥାନ ବାଟ ଓ ଶାନ୍ତିର ଆଲୋକ ଭାରତ ସବୁବେଳେ ବିଶ୍ୱକୁ ଦେଖେଇଛି । ଭାରତର ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଶାନ୍ତି ପାଇଁ ପାକିସ୍ତାନର ଲାହୋରକୁ ଯାଇଥିଲେ ବସ୍ ଚଢ଼ି । ଫଳ ମିଳିଲା କାର୍ଗିଲ୍ ଯୁଦ୍ଧରେ । ୧୯୭୧ ରେ ପାକିସ୍ତାନର ତେୟାନବେ ହଜାର ସୈନିକ ଆତ୍ମସମର୍ପଣ କରିଥିଲେ ଭାରତ ପାଖରେ । ଭାରତ ବିଶାଳ ହୃଦୟର ପରିଚୟ ଦେଇ ମୁକ୍ତ କରି ଦେଇଥିଲା ସମସ୍ତଙ୍କୁ । ତାପରେବି, ଅଙ୍ଗାରକୁ ଯେତେ ଧୋଇଲେ ସେହି ଅଙ୍ଗାର । ହଜାର ହଜାର ବର୍ଷ ଧରି ଏ ମହାନ ଦେଶ ସର୍ବେ ? ଭବନ୍ତୁ ସୁଖିନଃ ଓ ବସୁଧୈବ କୁଟୁମ୍ବକମ୍ ର ବାଣୀ ବିଶ୍ୱକୁ ଶୁଣେଇ ଆସିଛି । ଆଧ୍ୟାତ୍ମିକତାରେ ଆଲୁଅରେ ଆଲୋକିତ ଏ ଗୌରବମୟ ଦେଶ ମହନୀୟତାର ମାର୍ଗ ଦେଖେଇଛି ସାରା ପୃଥିବୀକୁ । ଗରୀବ ମ୍ଳେଚ୍ଛ ସାପୁଆ କେଳାଙ୍କ ଦେଶ ବୋଲି ଆମ ଦେଶକୁ ଚିତ୍ରଣ କରାଯାଇଛି ବିଶ୍ୱ ମାନଚିତ୍ରରେ । ଶୀତ ପରେ ବସନ୍ତ ଆସିବା ପରି ଆମ ଦେଶ ପାଇଁ ଆସୁଛି ବସନ୍ତର ମୃଦୁ ମଳୟ ଏବେ । ସବୁ ଅସୁବିଧା ସମୟରେ ବିଶ୍ୱ ଅନେଇ ରହୁଛି ଭାରତକୁ । ପବିତ୍ର ଗୀତା, ବାଇବେଲ, କୋରାନ, ବିଶ୍ୱର ସବୁ ଧର୍ମ ଗ୍ରନ୍ଥ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ମାନବବାଦ ଉପରେ ଆଧାରିତ । ସନାତନ ଧର୍ମ, ଇସଲାମ ଓ ଖ୍ରୀଷ୍ଟିଆନ ଧର୍ମ ବ୍ୟତୀତ ପୃଥିବୀରେ ଆହୁରି ଅନେକ ଧର୍ମ ଅଛି ଯେଉଁ ଧର୍ମର ପ୍ରତିଷ୍ଠାତା ,ପ୍ରଚାରକ ଓ ମହାପୁରୁଷ ମାନେ ଶାନ୍ତି ଓ ଈଶ୍ୱର ପ୍ରାପ୍ତିର ମାର୍ଗ ଦେଖେଇଛନ୍ତି ମଣିଷ ସମାଜକୁ । ଆମେ ମନ୍ଦିର ଯାଇ ପ୍ରାର୍ଥନା କରୁଛୁ, ମସଜିଦରେ ନମାଜ ପଢୁଛୁ, ଗୀର୍ଜାରେ ବାଇବେଲ ପଢୁଛୁ । ଶିଖୁଛୁ କ'ଣ ? ଅହଂକାରୀ ହେବା, ଦୁର୍ବଳ ଉପରେ ଅତ୍ୟାଚାର ଅନ୍ୟାୟ କରିବା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ବଦଳରେ ଅଶାନ୍ତିର ବାତାବରଣ ସୃଷ୍ଟି କରିବା, ଶାନ୍ତିର କପୋତକୁ ଖଣ୍ଡ ଖଣ୍ଡ କରି ଅଶାନ୍ତିର ଧ୍ୱଜା ଉଡେଇବା ? କାହିଁକି ଏତେ ଅହଂକାର ? ମଲାବେଳେ ସାଥିରେ କ'ଣ ନେଇଯିବା ? କ'ଣ ନେଇ ଆସିଥିଲେ ଆମେ ?ନେପୋଲିଅନ, ହିଟଲର, ଇତିହାସରେ ଯେଉଁ ମାନଙ୍କର ନାମ ଶୁଣିଲେ ଛାତି ଧଡଧଡ ଡାକେ , ଗଲାବେଳେ କ'ଣ ନେଇଗଲେ ସେମାନେ ? ଜଣେ ମଣିଷ ମାଟିରେ ଲମ୍ବା ହୋଇ ଶୋଇବା ପାଇଁ ଯେତିକି ଜାଗା ଦରକାର, ସେତିକି ନା ଆଉକିଛି ? ଭାରତୀୟ ସମ୍ବିଧାନରେ ଆର୍ଟିକିଲ୍ ୫୧ ବିଶ୍ୱ ଶାନ୍ତି ଉପରେ ଗୁରୁତ୍ୱ ଦିଏ । ଦେଶ ଦେଶ ଭିତରେ ସୁସମ୍ପର୍କ ରହୁ, ଏଥିପାଇଁ ଭାରତ ସବୁବେଳେ କାମ କରି ଆସିଛି । ଜାତିସଙ୍ଘର ଶାନ୍ତି ରକ୍ଷା କମିଶନରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭେଇଛି । ବିଶ୍ୱର ଅନେକ ସ୍ଥାନରେ ଜାତିସଙ୍ଘର ତତ୍ତ୍ୱାବଧାନରେ ଭାରତର ହଜାର ହଜାର ସୈନିକ କାମ କରୁଛନ୍ତି ଶାନ୍ତି ରକ୍ଷା ପାଇଁ । ଏହି କାମରେ ଭାରତର ଶହ ଶହ ସୈନିକ ଜୀବନକୁ ବଳିଦାନ ଦେଇଛନ୍ତି । ରୁଷିଆ ଭାରତର ଜଣେ ବିଶ୍ୱସ୍ତ ବନ୍ଧୁ ଅନେକ ଦଶନ୍ଧି ଧରି । ରୁଷିଆ ୟୁକ୍ରେନ ଯୁଦ୍ଧରେ, ଭାରତ, ରୁଷିଆ କୁ ଯୁଦ୍ଧ ବନ୍ଦ କରିବାକୁ ପରାମର୍ଶ ଦେଇଛି । ଇସ୍ରାଏଲ ହମାସ ଲଢେଇକୁ ନେଇ ଜାତିସଂଘରେ ଆସିଥିବା ପ୍ରସ୍ତାବ ଉପରେ ଭାରତ ନିରପେକ୍ଷତା ଅବଲମ୍ବନ କରିଛି । ନିରପେକ୍ଷତା ଭାରତୀୟ ପଲିସିର ଏକ ବିଶେଷ ବୈଶିଷ୍ଟ୍ୟ । ଯେତେବେଳେ ବିଶ୍ୱରେ ଶୀତଳ ଯୁଦ୍ଧ ଚାଲିଥିଲା, କିଛି ଦେଶ ଆମେରିକା ପଟରେ ଥିଲାବେଳେ ଆଉକିଛି ଦେଶ ସୋଭିଏତ ରୁଷିଆକୁ ସମର୍ଥନ କରୁଥିଲେ । ଏପରି ସମୟରେ ଭାରତ କୌଣସି ଗୋଷ୍ଠୀରେ ସାମିଲ୍ ନହୋଇ ନିରପେକ୍ଷତାକୁ ଆପଣେଇ ନେଇଥିଲା । ସୋଭିଏତ ରାଷ୍ଟ୍ରସଙ୍ଘର ପତନ ପରେ ଅବସାନ ଘଟିଲା ଶୀତଳ ବିଶ୍ୱ ଯୁଦ୍ଧର କେତେକାଂଶରେ । ନିଆଁ ଯେ ପୁରା ଲିଭିଯାଇଛି, ସେଇଟା ଭାବିବା ଭୁଲ୍ ହେବ । ଶାନ୍ତି ରକ୍ଷା ପାଇଁ ଭାରତର ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀ ପାକିସ୍ତାନର ମହମ୍ମଦ ଆୟୁବ୍ ଖାନ୍ ଙ୍କ ସହିତ ସେତେବେଳେ ସୋଭିଏତ ରାଷ୍ଟ୍ରସଙ୍ଘର ଉଜବେକିସ୍ଥାନରେ ତାସକେଣ୍ଟ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲେ ଜାନୁଆରୀ ମାସ ୧୦ ତାରିଖ ୧୯୬୬ ରେ । ମାତ୍ର ଦୁର୍ଭାଗ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବାପରେ ରହସ୍ୟମୟ ଭାବରେ ମୃତ୍ୟୁ ହେଲା ଭାରତର ଜଣେ ବରପୁତ୍ରଙ୍କର । ବାହ୍ୟିକ ଶକ୍ତିର ସାହାଯ୍ୟ ସମର୍ଥନ ପାଇ କିଛି ଦେଶଦ୍ରୋହୀ ଯେତେବେଳେ ପଂଜାବକୁ ଭାରତରୁ ଅଲଗା କରିବାକୁ ରକ୍ତାକ୍ତ ଲଢେଇ କରୁଥିଲେ, ସେମାନଙ୍କୁ ଦୃଢ଼ ହସ୍ତରେ ଦମନ କରିଥିଲେ ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଯେଉଁଥିପାଇଁ ତାଙ୍କୁ ଜୀବନର ମୂଲ୍ୟ ଦେବାକୁ ପଡ଼ିଲା । ଶ୍ରୀଲଙ୍କାରେ ତାମିଲ୍ ଟାଇଗର ମାନଙ୍କ ଦ୍ୱାରା ଚାଲିଥିବା ଅଶାନ୍ତି ଓ ବିଦ୍ରୋହର ଦମନ ପାଇଁ ଭାରତର ସେତେବେଳର ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି ଶାନ୍ତି ରକ୍ଷା ବାହିନୀ ପଠେଇଥିଲେ । ଏଥିପାଇଁ ତାଙ୍କୁ ବି ଜୀବନ ଦେବାକୁ ହେଲା । ଦେଶ ଓ ବିଦେଶରେ ଶାନ୍ତି ରକ୍ଷା ପାଇଁ ଭାରତର ଅବଦାନ ଅତୁଳନୀୟ । ଏ ଦେଶର ମହାନ ସଂସ୍କୃତି ଓ ଗୌରବମୟ ଇତିହାସ ବିଶ୍ୱାସ କରେ ଯେ କ୍ଷେପଣାସ୍ତ୍ର ଉଦ୍ଭାବନ, ବୋମା ତିଆରି ଓ ଅନ୍ୟାନ୍ୟ ଯୁଦ୍ଧ ସରଂଜାମ ପାଇଁ ଯେତିକି ଅର୍ଥ ଖର୍ଚ୍ଚ ହେଉଛି, ସେହି ଅର୍ଥ ଯଦି ଜଳବାୟୁ ପରିବର୍ତ୍ତନ, ଖାଦ୍ୟ, ପାନୀୟ ଜଳ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଦାରିଦ୍ର୍ୟ ଦୂରୀକରଣରେ ବିନିଯୋଗ ହୁଅନ୍ତା, ତାହେଲେ ସତରେ ବିଶ୍ୱରେ ଅଶାନ୍ତି ଦୂରେଇ ଯାଆନ୍ତା ଆପଣାଛାଏଁ । ଆମ ଦେଶ ଭାରତ ସମଗ୍ର ବିଶ୍ୱକୁ ଏକ ପରିବାର ବୋଲି ବିବେଚନା କରେ । ଭାରତର ଏ ବସୁଧୈବ କୁଟୁମ୍ବକମ୍ ନୀତିକୁ ବିଶ୍ୱ କେତେଦୂର ଗ୍ରହଣ କରୁଛି ଓ କାମରେ ଲଗଉଛି, ତାହା ସମୟ କହିବ । ଆସନ୍ତୁ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ବିଶ୍ୱର ସବୁ ନେତାଙ୍କ ହୃଦୟରେ ମଣିଷ ପଣିଆର ଶାନ୍ତ ମୃଦୁମଳୟ ବହୁ ଓ ବିଶ୍ୱ ଆକାଶରୁ ଯୁଦ୍ଧର କଳା ବାଦଲ ଅପସରି ଯାଉ ଓ ପ୍ରତି ମଣିଷ ଓଠରେ ହସ ଓ ଖୁସିର ମିଠା ହସ ଫୁଟିଉଠୁ ।



ଭାସ୍କର ବାରିକ୍

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ,ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ,ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା







ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନ୍‌ଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ,ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ପୁରୀ-ଅହମ୍ମଦାବାଦ ସ୍ୱେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ୱେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୂର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ । ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିଦ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦର୍ଷା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଇରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଳୁତୁମ୍ବା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଠ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ୍, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତ୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତ୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା’ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଋତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭ ୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬ ୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିରେ ଏହି ମାନବିକତା ପୁର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଚି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା,ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୂଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




## ଦୃଷ୍ଟିଆକର୍ଷଣ କଲେ ପରିବେଶବିତ୍, ପୂତିଗନ୍ଧମୟ ପରିବେଶରୁ ମୁକୁଳିଲେ ଅଞ୍ଚଳବାସୀ



ଭୁବନେଶ୍ୱର (ପିଏନ୍): କୁଢ଼ କୁଢ଼ ବର୍ଜ୍ୟର ପାହାଡ଼, ପୂତିଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ପରିବେଶରୁ ମୁକୁଳିଛି ସ୍ମାର୍ଟନଗରୀ ଭୁବନେଶ୍ୱରର ୬୧ନଂ ୱାର୍ଡ ଅନ୍ତର୍ଗତ ଭୀମେଶ୍ୱରମାର୍ଗ ଅଞ୍ଚଳ। ସୂଚନାଯୋଗ୍ୟ ଉକ୍ତ ଅଞ୍ଚଳରୁ ସଂଗୃହିତ ବର୍ଜ୍ୟବସ୍ତୁଗୁଡ଼ିକୁ ରାସ୍ତା ପାର୍ଶ୍ୱରେ ଜନବସତି ଅଞ୍ଚଳରେ ସଫେଇ କର୍ମଚାରୀମାନେ ଗଦା କରି ଆସୁଥିଲେ । ପରିସ୍ଥିତି ଓ ପରିବେଶ ଏପରି ବିଗିଡ଼ିଯାଇଥିଲା ଯେ ଲୋକେ ଦୁର୍ଗନ୍ଧରେ ଅତିଷ୍ଠ ହୋଇ ଅଣନିଶ୍ୱାସୀ ହୋଇପଡ଼ିଥିଲେ। ଅଳିଆ ଉଠାଇବା ସମ୍ପର୍କରେ ସଫେଇ କର୍ମଚାରୀଙ୍କୁ କେହି ପଚାରିଲେ ଆମେ ଏ ବିଷୟରେ କିଛି କହିପାରିବୁ ନାହିଁ କହି ଚାଲିଯାଆନ୍ତି। ଧୀରେ ଧୀରେ ଏହି ଆବର୍ଜନାର ପାହାଡ଼ ରାସ୍ତା ଉପରକୁ ମାଡ଼ିଯାଇଥିଲା। ଆତଯାତ କରୁଥିବା ଲୋକେ ନାକରେ ରୁମାଲ୍ ଦେଇ ବହୁ କଷ୍ଟରେ ରାସ୍ତା ଅତିକ୍ରମ କରୁଥିଲେ। ଏଭଳି ପରିମଳ ଅବସ୍ଥା ଦେଖି ପରିବେଶବିତ୍ ସୁଶାନ୍ତ ସାହୁ ଏ ସମ୍ପର୍କରେ ଭୁବନେଶ୍ୱର ମହାନଗର ନିଗମର କମିଶନର ବିଜୟ ଅମୃତ କୁଲାଙ୍ଗେଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମସ୍ୟାର ଶୀଘ୍ର ସମାଧାନ ପାଇଁ ନିବେଦନ କରିଥିଲେ। କମିଶନର ସମସ୍ୟାଟିକୁ ତୁରନ୍ତ ବିଚାରକୁ ନେଇ କିଛି ସମୟ ମଧ୍ୟରେ ଅଞ୍ଚଳଟିକୁ ଆବର୍ଜନାରୁ ମୁକ୍ତ କରିଦେଇଥିଲେ। ଏ ନେଇ ଅଞ୍ଚଳବାସୀ ଖୁସି ପ୍ରକଟ କରିବା ସହ କମିଶନରଙ୍କ ତ୍ୱରିତ ପଦକ୍ଷେପକୁ ଜନସାଧାରଣ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି।

## ଝୁମ୍ପୁରା ବିଡିଓଙ୍କ ନେତୃତ୍ୱରେ ଅର୍ଶଳା ଖେଳପଡିଆରେ ଚାରିଶହ ବୃକ୍ଷରୋପଣ

ଝୁମ୍ପୁରା (ପିଏନ୍)- ବୃକ୍ଷଲତା ମାନବ ସମାଜର ପରମ ମିତ୍ର । ଏହାକୁ ଆଖି ଆଗରେ ରଖି ଝୁମ୍ପୁରା ବ୍ଲକର ପ୍ରତି ପଚଂାୟତରେ ଥିବା ଖେଳପଡିଆ ଚର୍ତୁପାର୍ଶ୍ୱରେ ବୃକ୍ଷରୋପଣ କରି ସବୁଜବଳୟ ସୃଷ୍ଟି ସହ ସନ୍ଦୌର୍ଯ୍ୟକରଣ କରିବା ସ୍ଥାନୀୟ ବିଡିଓ ଉମାକାନ୍ତ ପରିଡାଙ୍କ ମୁଖ୍ୟ ଉଦ୍ଦେଶ୍ୟ । ତେବେ ଏହାକୁ ପାଥେୟ କରି ଝୁମ୍ପୁରା ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ଶ୍ରୀ ପରିଡାଙ୍କ ନେତୃତ୍ୱରେ ଅର୍ଶଳା ପଚଂାୟତର ଅର୍ଶଳା ଗ୍ରାମ ଖେଳପଡିଆ (ଷ୍ଟାଡିୟମ)ରେ ପ୍ରଥମ ଦିନରେ ଚାରିଶହ ବୃକ୍ଷରୋପଣ କରାଯାଇଛି । ସୂଚନାଯୋଗ୍ୟ ଅର୍ଶଳା ପଚଂାୟତକୁ ପରିଦର୍ଶନରେ ଯାଇଥିବା ବେଳେ ଖେଳପଡିଆ ବିଡିଓ ଶ୍ରୀ ପରିଡାଙ୍କ ନଜରକୁ ଆସିଥିଲା । ଖେଳପଡିଆ ଭିତରକୁ ଯାଇ ସେ ବୁଲାବୁଲି କରି ଚାରିପାଖରେ ବୃକ୍ଷରୋପଣ କରିବା ନିମନ୍ତେ ମନସ୍ଥ କରିଥିଲେ। ଏହାପରେ ପଂଚାୟତ ପ୍ରତିନିଧି, ପିଇଓ, ଜିଆରଏସ୍, କନିଷ୍ଠ ଯନ୍ତ୍ରୀଙ୍କ ସହ ବନୀକରଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରି ବୃକ୍ଷରୋପଣର ତାରିଖ ଏବଂ ଦିନ ଧାର୍ଯ୍ୟ କରାଯାଇଥିଲା। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଡିଓ ଉମାକାନ୍ତ ପରିଡା, ଏପିଇଓ ପୂର୍ଣ୍ଣଚନ୍ଦ୍ର ନାଏକ, ୧୭ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସୋମବାରୀ ମୁର୍ମୁ, ସମିତି ସଭ୍ୟା ଲିଲିମଣି ମାଝୀ, ପୂର୍ବତନ ସରପଂଚ ପ୍ରଶନ୍ନ ନାଏକ, ଜିଆରଏସ୍ କେଦାରନାଥ ମହାନ୍ତ, ମେଟ୍ ତଫାନ ନାଏକ, ସ୍ଥାନୀୟ ବୁଦ୍ଧିଜୀବୀ ଲୋକନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।

## ପ୍ରତୀକ ଭିଜନ ଥିଏଟର ପକ୍ଷରୁ ଯାଜପୁରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଯାଜପୁର (ପିଏନ୍): କଳାକାର ମାନଙ୍କୁ ସଂଗଠିତ କରି ଏକ ନୂତନ ଦିଗଦର୍ଶନରେ ନୈତିକ ବୋଧକ ବାର୍ତ୍ତା ବହନ କରୁଥିବା ରାଜ୍ୟର ଏକ ପ୍ରମୁଖ ଥିଏଟର ଅନୁଷ୍ଠାନ ପ୍ରତୀକ ଭିଜନ ପକ୍ଷରୁ ସ୍ଥାନୀୟ ଯାଜପୁରର ଖଣ୍ଡରା ଛକ ନିକଟରେ ଥିବା ଶିଶୁକଲ୍ୟାଣ ସ୍ୱାଧୀକାର ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ବୈଠକରେ ବରିଷ୍ଠ ନାଟ୍ୟକାର ବୈଦ୍ୟନାଥ ପଣ୍ଡା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ହରିହର ସ୍ୱାଇଁ, ମୁଖ୍ୟବକ୍ତାଭାବେ ବରିଷ୍ଠ ସାମ୍ବାଦିକ ତପନ ମହାରଣ୍ୟଶର୍ମା, ସମ୍ମାନିତ ଅତିଥି ଭାବେ ଯୁବକବି ଜିତେନ୍ଦ୍ର ବେହେରା, ସାମ୍ବାଦିକ ସୁରେଶ କର ପ୍ରମୁଖ ଯୋଗ ଦେଇ ଏହି ଅନୁଷ୍ଠାନକୁ ଏକ ଅଗ୍ରଣୀ ଅନୁଷ୍ଠାନରୂପେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ।

ଜଣାଶୁଣା ଥିଏଟର ନିର୍ଦ୍ଦେଶକ ପ୍ରସନ୍ନ କୁମାର ବିଶ୍ୱାଳ, ଇଚ୍ଛାମୟୀ ଧଳ ଅନୁଷ୍ଠାନର ଅଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ବୈଠକରେ ସର୍ବସମ୍ମତିକ୍ରମେ କାର୍ଯ୍ୟକର୍ତ୍ତା ଚୟନ କରାଯାଇ ଆଗାମୀ ଦିବସର କାର୍ଯ୍ୟପନ୍ଥା ପାଇଁ ଏକ ଖସଡ଼ା ପ୍ରସ୍ତୁତି କରାଯାଇଥିଲା। ସୂଚନା ଅନୁଯାୟୀ ଏହି ବୈଠକରେ ସାମ୍ବାଦିକ ଟୁଟୁ ଭାଇଙ୍କ ସମେତ କଳାକାର ନୀଳାଦ୍ରି ସାହୁ, ଧନଞ୍ଜୟ ମିଶ୍ର, ଜିତେନ୍ଦ୍ର ସାହୁ, ପ୍ରଭାତ ଦାସ, ଅଙ୍କିତ କର, ସସ୍ମିତା ରାଉତ, ଅନିତା ସାହୁ, ଲିପିକା ସ୍ୱାଇଁ, ଯୋଗ ଦେଇ ନିଜର ମତବ୍ୟକ୍ତ କରିଥିଲେ।

## ଯାନବାହନ ଚଳାଚଳ ନେଇ ଟ୍ରାଫିକ୍ କଟକଣା ଲାଗୁ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ସହରର କେତୋଟି ନିର୍ଦ୍ଦିଷ୍ଟ ରାସ୍ତାରେ ଭାରୀଯାନ ଚଳାଚଳ ନେଇ ଜିଲ୍ଲା ପ୍ରଶାସନ ତରଫରୁ କଟକଣା ଲାଗୁ କରାଯାଇଥିଲା । ଦୁର୍ଘଟଣା, ଜୀବନହାନି ଏବଂ ଟ୍ରାଫିକ୍ ଜାମ୍ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଆଇ.ଟି.ଆଇ. ଛକରୁ ଭାୟା ବାଲେଶ୍ୱର ବସ୍‌ଷ୍ଟାଣ୍ଡ, ଏଫ.ଏମ୍. ଗୋଲେଇ ଦେଇ ସୁରଜ ହୋଟେଲ ଛକ, ପୋଲିସ ଲାଇନ ଛକରୁ ଭାୟା ଏଫ.ଏମ୍. କଲେଜ ଦେଇ ହେମକାପଦା ଛକ, ଫକୀରମୋହନ ଗୋଲେଇରୁ ଭାୟା ଫାଣ୍ଡି ଛକ, ଚିଡିଆପୋଲ, ସଦର ମହକୁମା ଡାକ୍ତରଖାନା, ସିନେମା ଛକ ଏବଂ ମୋତିଗଞ୍ଜ ବଜାର ଦେଇ ଟାଉନ ଥାନା, ଷ୍ଟେସନ ଛକରୁ ଭାୟା ଏଡିଏମ ଛକ, ଜିଲ୍ଲା ସ୍କୁଲ ଦେଇ ପାଣି ଟାଙ୍କି ଛକ, ମିର୍ଜାପୋଖରୀ ଛକରୁ ଭାୟା ମାଣିଖମ୍ବ ଏବଂ ବାରବାଟୀ ଦେଇ ବୁଢା କାର୍ତିକ ଛକ, ମିର୍ଜାପୋଖରୀରୁ ଭାୟା ଟାଉନହଲ ଏବଂ ସିନେମା ଛକ ଦେଇ ବେବିଲୋନ ଛକ, ଟେକନିକାଲ ସ୍କୁଲ ଛକରୁ ଭାୟା ଏଡିଏମ ଛକ, ରାଜାବଗିଚା ଦେଇ ନାରୀସଂଘ, ଷ୍ଟେସନ ଛକରୁ ଭାୟା ନାରୀସଂଘ ଦେଇ ପତୁଆଁପଦା ଛକ ପର୍ଯ୍ୟନ୍ତ ରାସ୍ତାଗୁଡିକରେ ସକାଳ ୮ଘଟିକା ୩୦ମିନିଟ୍‌ରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା ।

ହରିପୁର ପାର୍ଶ୍ୱରୁ ଆସୁଥିବା କେବଳ ଟ୍ରାକ୍ଟର, ମିନିଟ୍ରକ୍‌ଗୁଡିକୁ ଆନନ୍ଦ ବଜାର, ମାଲଗୋଦାମ, ଭାସ୍କରଗଞ୍ଜ ଛକ, ତେଲେଙ୍ଗା ସାହି ଛକ, ପୋଲିସ ଲାଇନ ଛକ ଦେଇ ଆଇ.ଟି.ଆଇ.ଛକ ଆଡକୁ ଯିବା ଓ ସେହି ସମାନ ରାସ୍ତା ଦେଇ ଫେରିବାକୁ ଅନୁମତି ଦିଆଯିବ । ସେହିପରି ଚାନ୍ଦିପୁର ଅଂଚଳରେ ସମୁଦ୍ର ବେଳାଭୂମିରେ ଗାଡି ଚାଳନା ଯୋଗୁଁ ଘଟୁଥିବା ଅଘଟଣକୁ କମାଇବା ପାଇଁ ସୋନପୁର ଛକରୁ ଆରମ୍ଭ କରି ଚାନ୍ଦିପୁର ପାନ୍ଥନିବାସ ପର୍ଯ୍ୟନ୍ତ ଯାନ ଚାଳନା ପାଇଁ ଉଦ୍ଦିଷ୍ଟ ନ ଥିବା ଅଂଚଳରେ ସମସ୍ତ ପ୍ରକାର ଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା। ଅନୁରୂପ ଭାବେ ଯାନବାହାନ ଚଳାଚଳ ପାଇଁ ଉଦ୍ଦିଷ୍ଟ ନ ଥିବା ତାଳସାରୀ ବେଳାଭୂମି ଅଂଚଳରେ ମଧ୍ୟ ସମସ୍ତପ୍ରକାର ଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଦ୍ୱାରା ଅନୁମୋଦିତ ଆଦେଶନାମା ଅନୁଯାୟୀ ତା୩.୮.୨୦୨୨ରିଖରୁ ତା୧.୯.୨୦୨୨ରିଖ ପର୍ଯ୍ୟନ୍ତ ୩୦ଦିନ ପାଇଁ ଏହି ସମସ୍ତ କଟକଣା ବଳବତର ରହିଥିଲା।

## ବିଷ ବଳୟରେ ୯୦% ଭାରତୀୟ

### —ଅଧିକ ସଂକ୍ରମିତ ହେବେ ଶିଶୁ—



ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। କୁହାଯାଏ ଆମ ସମୟରେ ପିଲାମାନେ ହେଉଛନ୍ତି ଅମୃତର ସନ୍ତାନ ଓ ଭଗବାନଙ୍କ ଦିବ୍ୟ ପ୍ରତୀକ। ଆସନ୍ତୁ ଗୋଟିଏ ଛୋଟିଆ କଥା ଚିନ୍ତା କରିବା। ପୃଥିବୀକୁ ଘେରି ରହିଥିବା ନୀଳ ଆକାଶ ଆଗଭଳି ଆଉ ନିର୍ମଳ ନାହିଁ। ବିଷାକ୍ତ ବାୟୁରେ ଏହା ଭରପୁର। ଶ୍ୱାସକ୍ରିୟାରେ ବିଶ୍ୱବାସୀ ଅମ୍ଳଜାନ ସହିତ ପୁଳା ପୁଳା ବିଷ ଶୋଷି ଚାଲିଛନ୍ତି। ବିଶ୍ୱର ପ୍ରାୟ ୯୯% ଲୋକ ବିଷାକ୍ତ ବାୟୁରେ ଶ୍ୱାସକ୍ରିୟା କରି ନିଜ ପାଇଁ ସାଙ୍ଘାତିକ ବିପଦ ସୃଷ୍ଟି କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସଦ୍ୟ ରିପୋର୍ଟରୁ ଏହି ଚିତ୍ର ମିଳିଛି। ଭାରତର ପ୍ରାୟ ୯୦% ଲୋକ ବିଷାକ୍ତ ବାୟୁ ଘେରରେ ଥିବା ରିପୋର୍ଟ କହୁଛି। ବିଶ୍ୱର ୯୯% ବା ପାଖାପାଖି ୭୯୭ କୋଟି ଲୋକ ଶ୍ୱାସକ୍ରିୟା ସମୟରେ ନାଇଟ୍ରୋଜେନ ଡାଇଅକ୍ସାଇଡ଼ ଏବଂ ଅତି ସୂକ୍ଷ୍ମ ଅନିଷ୍ଟକାରୀ କଣିକା ଶୋଷୁଛନ୍ତି। ବାୟୁରେ ଥିବା ପାର୍ଟିକୁଲେଟ ମ୍ୟାଟର ବା ପିଏମ୍ (ଅତି ସୂକ୍ଷ୍ମ କଠିନ କଣିକା ଓ ତରଳ ବୁନ୍ଦା ଯେଉଁଥିରେ ଧୂଳି, ମଇଳା, ଧୂଆଁ ଆଦି ମିଶ୍ରିତ ହୋଇଥାଏ)। ଫୁସଫୁସ ପାଇଁ ବିଷଠାରୁ କିଛି କମ ନୁହେଁ। ତାହାଠାରୁ କମ ପିଏମ୍୧୦ ଏବଂ ୨.୫ ମାଇକ୍ରୋମିଟର ବା ତାହାଠାରୁ କମ (ପିଏମ୍୨.୫)। ଡବ୍ଲ୍ୟୁଏଚଓ ମୁତାବକ ପିଏମ୍୨.୫ର କଣିକା ଫୁସଫୁସ ମଧ୍ୟରେ ପ୍ରବେଶ କରି ରକ୍ତ ସହିତ ମିଶି ପ୍ରବାହିତ ହୋଇପାରିବ। ଏହାଦ୍ୱାରା ହୃଦରୋଗ ସମସ୍ୟା ସୃଷ୍ଟି ହୋଇପାରେ। ଆହୁରି ମଧ୍ୟ ମସ୍ତିଷ୍କାଘାତ, ଫୁସଫୁସ ରୋଗ, କ୍ୟାନସର ଓ ନିମୋନିଆର କାରଣ ମଧ୍ୟ ସାଜିପାରେ। ଲାନସେଟ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ ବାୟୁରେ ବଢୁଥିବା ନାଇଟ୍ରୋଜେନ ଡାଇଅକ୍ସାଇଡ଼ ମାତ୍ରା ପିଲାମାନଙ୍କ ଠାରେ ଆଜମା ରୋଗ ବୃଦ୍ଧି କରିପାରେ। ଏହା ଯୋଗୁଁ ପ୍ରତିବର୍ଷ ୮.୫% ନୂଆ ଆଜମା ମାମଲା ସୃଷ୍ଟି ହେଉଛି। ପ୍ରତିବର୍ଷ ୪୨ ଲକ୍ଷ ଲୋକ ବାହ୍ୟ ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ସେହିଭଳି ୩୮ ଲକ୍ଷ ଘର ମଧ୍ୟରେ ସୃଷ୍ଟି ପ୍ରଦୂଷଣ ଯୋଗୁଁ ପ୍ରାଣ କରାଉଛନ୍ତି। ମଇଳା ଚୁଲା ଏବଂ ବିଷାକ୍ତ ଇନ୍ଧନ ଯୋଗୁଁ ଘର ମଧ୍ୟରେ ପ୍ରଦୂଷଣ ବଢୁଛି। ଅର୍ଥାତ୍ ବର୍ଷକୁ ୮୦ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁ ମରୁଛନ୍ତି। ବାୟୁ ପ୍ରଦୂଷଣର ପ୍ରତିକାର ପାଇଁ ଏବେ ଅଧିକାଂଶ ଦେଶ ନିଜ ଆଡୁ ଚେଷ୍ଟା କରୁଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ। ବିଶ୍ୱର ୯୯ ପ୍ରତିଶତ ଲୋକ ପ୍ରଶ୍ୱାସରେ ଗ୍ରହଣ କରୁଛନ୍ତି ପ୍ରଦୂଷିତ ବାୟୁ। ମିଳୁନି ମୁକ୍ତ ଅମ୍ଳଜାନ। ଗ୍ରହଣ କରୁଥିବା ଏହି ବାୟୁର ପ୍ରଦୂଷଣ ସ୍ତର ଯଥେଷ୍ଟ ଅଧିକ। ଏହା ଲୋକଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏହି ସତର୍କ ସୂଚନା ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଡବ୍ଲ୍ୟୁଏଚଓ ପକ୍ଷରୁ ଧାର୍ଯ୍ୟ ପ୍ରଦୂଷଣ ସ୍ତର ଠାରୁ ଏହି ବାୟୁର ମାନ ଅଧିକ ଖରାପ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପୂର୍ବରୁ ଡବ୍ଲ୍ୟୁଏଚଓ ପକ୍ଷରୁ ବାୟୁ ମାନ ସମ୍ପର୍କରେ ପ୍ରକାଶିତ ସଦ୍ୟ ତଥ୍ୟରେ ବାର୍ଷିକ ହାରାହାରି ଭିତ୍ତିରେ ବାୟୁ ମଣ୍ଡଳରେ ମିଶୁଥିବା ଯବକ୍ଷାରଜାନ ଡାଇଅକ୍ସାଇଡ଼ ସମ୍ପର୍କିତ ସୂଚନା ସ୍ଥାନ ପାଇଛି। ଯାହା ସହରାଞ୍ଚଳ ପ୍ରଦୂଷଣ କ୍ଷେତ୍ରରେ ସର୍ବତ୍ର ପରିଲକ୍ଷିତ ହେଉଛି। ଏହି କାରଣରୁ ବାୟୁରେ ପାର୍ଟିକୁଲେଟ ମ୍ୟାଟର ଏବଂ ଓଜୋନର ଉପସ୍ଥିତି ବୃଦ୍ଧି ପାଉଛି। ପିଲାମାନଙ୍କୁ ଘର ଭିତରେ ଆବଦ୍ଧ କରି ରଖନ୍ତୁ ନାହିଁ ସେମାନଙ୍କ ପାଇଁ ସମୟ କାଢ଼ନ୍ତୁ କିନ୍ତୁ କରୋନା ସଂକ୍ରମଣର ଲହର ଯେହେତୁ କମି ନାହିଁ ପିଲାମାନଙ୍କୁ ମାକ୍ସ ପିନ୍ଧିବା ସହିତ ସାମାଜିକ ଦୂରତା ଓ ସାନିଟାଇଜର ବ୍ୟବହାର ଶିଖାନ୍ତୁ। ଖରାଦିନ ହୋଇଥିବାରୁ ବିଶେଷକରି ପିଲାମାନଙ୍କୁ ପ୍ରଚୁର ପାଣି, ସୁଷମ ଖାଦ୍ୟ, ଫଳ ଦିଅନ୍ତୁ। ତଥାକଥିତ ଫାଷ୍ଟଫୁଡ୍ ଠାରୁ ଦୂରେଇ ରହିବା ବହୁତ ଭଲ କାରଣ ଏହି ପିଲାମାନଙ୍କ ସ୍ୱାସ୍ଥ୍ୟ ଆଗାମୀ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ଓ ଆପଣଙ୍କ ମାନଙ୍କ ଅମୂଲ୍ୟ ବରଦାନ।

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪

## ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତଃ ଚନ୍ଦ୍ରଶେଖର ପତିଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ପିଏନ୍)-ବିଶିଷ୍ଟ ଶିକ୍ଷାବିତ୍ ତଥା ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସମୂହର ପ୍ରତିଷ୍ଠାତା ସ୍ୱର୍ଗତଃ ଚନ୍ଦ୍ରଶେଖର ପତିଙ୍କ ଦ୍ୱାଦଶାହରେ ଭାବବିହ୍ୱଳ ଶ୍ରଦ୍ଧାଂଜଳି ଅର୍ପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଚନ୍ଦ୍ରଶେଖରପୁରସ୍ଥିତ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଶ୍ରଦ୍ଧାଂଜଳି ସଭାରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ ସ୍ୱର୍ଗତଃ ପତିଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା 'ସ୍ମୃତି ଅର୍ଘ୍ୟ'କୁ ଲୋକାର୍ପିତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ, ବରିଷ୍ଠ ଆଇନ୍‌ଜୀବୀ ଶିବାନନ୍ଦ ରାୟ, ସମାଜସେବୀ ଦିଲ୍ଲିପ୍ ଶ୍ରୀଚନ୍ଦନ, ଆଇନ୍‌ଜୀବୀ ଡ. ଲିଙ୍ଗରାଜ ସାହୁ, ସମାଜସେବୀ ପ୍ରକାଶ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ପତିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ତାଙ୍କ ଭ୍ରାତୃଦ୍ୱୟ ଶଶାଙ୍କ ଶେଖର ପତି, ହିଂମାଶୁ ଶେଖର ପତି, ପୁତ୍ରଦ୍ୱୟ ସୂର୍ଯ୍ୟପ୍ରକାଶ ପତି, ଶକ୍ତିପ୍ରକାଶ ପତି, ବିଦ୍ୟାଳୟ ମ୍ୟାନେଜର ବସନ୍ତ କୁମାର ତ୍ରିପାଠୀ ତଥା ସ୍ୱର୍ଗତଃ ପତିଙ୍କର ଅନ୍ୟତମ ସ୍ୱପ୍ନର ଅନୁଷ୍ଠାନ ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସଂପାଦକ ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ) ପରିଚାଳନା କରିଥିଲେ। ସ୍ୱର୍ଗତଃ ପତିଙ୍କ ଦେହାବସାନ ପରଠାରୁ ବ୍ରାହ୍ମଣ ଭୋଜନ, ଦୁଃଖୀରଙ୍କିଙ୍କ ସେବା ସହ ତାଙ୍କ ଏକାଦଶାହରେ ବିଦ୍ୟାଳୟ ପରିସରରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଆୟୋଜନ କରାଯାଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଏହି ଅବସରରେ ଭଜନ ସମାରୋହ, ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ପ୍ରକାଶ ଥାଉକି ୧୯୬୩ ମସିହା ଅକ୍ଟୋବର ମାସ ୨୭ ତାରିଖରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତଃ ପତି ତାଙ୍କ ଜୀବନକାଳ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସହ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ରହି ବେଶ୍ ଲୋକପ୍ରିୟତା ହାସଲ କରି ଗତ ଜୁଲାଇ ମାସ ୩୦ ତାରିଖରେ ୫୯ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ।

## ରିଜିଓନାଲ ମହାବିଦ୍ୟାଳୟ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଯୁବଦିବସ ପାଳିତ

ଯାଜପୁର (ପିଏନ୍): ଯାଜପୁର ରାମବାଗ ସ୍ଥିତ ରିଜିଓନାଲ ମହାବିଦ୍ୟାଳୟ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତର୍ଜାତିକ ଯୁବ ଦିବସ ପାଳିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଡକ୍ଟର ବିଜୟ ସୁନ୍ଦର ରାୟ, ସମ୍ମାନୀୟ ଅତିଥି ଭାବେ ପ୍ରଫେସର ଅବଦୁଲ ଅଲ୍ଲୀ ଖାଁ, ରିଜିଓନାଲ ଜୁନିଅର କଲେଜର ଅଧ୍ୟକ୍ଷ ଅନିଲ କୁମାର ମହାନ୍ତି, ସ୍ୱାତି ପ୍ରିୟଦର୍ଶନୀ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଯୁବ ଅନ୍ତର୍ଜାତୀୟ ଯୁବ ଦିବସରେ ଆଜାଦକି ଅମୃତ ମହୋତ୍ସବ ସ୍କିଲ୍ ଡେଭ୍‌ଲପମେଣ୍ଟ କାର୍ଯ୍ୟକ୍ରମ, ମୋ କଲେଜ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କୁ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପ୍ରତିଯୋଗିତା ଯଥା: ଝୋଟି, ମୁରୁଜ, ବକ୍ତୃତା, ଗୀତ, ନାଚ, ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଅଛି। କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଦିଆଯାଇଛି। ଅନ୍ୟମାନଙ୍କ ମଧରେ ଅଧ୍ୟାପକ ରଞ୍ଜିତ ସିଂ, ଜଗନ୍ନାଥ ପରିଡ଼ା, ସରୋଜ କୁମାର ଜେନା, ଶୁଭେନ୍ଦୁ ମହାପାତ୍ର, ଡକ୍ଟର ଶଶଧର ଦାସ, ବିଜୟ ଦାସ, ପ୍ରିୟରଂଜନ ପରିଡ଼ା, ଗୌରାଙ୍ଗ ଚରଣ ବେହେରା, ସୋମ୍ୟରଂଜନ ପଲାଇ, ଅଧ୍ୟାପିକା ବିଜୟିନୀ ପାକିଜା ସାମଲ, ବିଶ୍ୱାମିତ୍ର ଦାସ, ନିବେଦିତା ବେହୁରିଆ, ଅର୍ଣ୍ଣପୂର୍ଣ୍ଣ ଦାସ, ସଂଗୀତା ପତି, କ୍ଷୀରବ୍ଧି ସେଣ୍ଠ, ଝାନ୍ସୀ ରାଣୀ ମଲ୍ଲିକ, କୃଷ୍ଣପ୍ରିୟା ସାହୁ, ଶ୍ରଦ୍ଧାଞ୍ଜଳି ରାଉତ, ଅନିତା ପଣ୍ଡା, ମୁକ୍ତିପ୍ରଭା ସାମଲ, ସ୍ମିତାରାଣୀ ସାମଲ, ସତ୍ୟକାମ ମହାନ୍ତି, ସ୍ମୃତିରଂଜନ ସ୍ୱାଇଁ, ପ୍ରଶାନ୍ତ କୁମାର ସ୍ୱାଇଁ, ହିମାଂଶୁ ରାଉତ, ସନ୍ତୋଷ ଦାସ, ହିମାଂଶୁ ସାହୁ, ବିରଞ୍ଚି ନାରାୟଣ ମହାନ୍ତି, ଅମର କୁମାର ବେହେରା, ଶ୍ୟାମସୁନ୍ଦର ମିଶ୍ର, ଶମ୍ଭୁନାଥ ଦାସ, ଚନ୍ଦନ ଦାସ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

## ଏନ୍‌ଓସି ଫାଉଣ୍ଡେସନ୍ ପକ୍ଷରୁ ରିଲିଫ୍ ପ୍ରଦାନ



ପାରାଦୀପ (ପିଏନ୍)-କରୋନା ମହାମାରୀ ପ୍ରଭାବରେ ସମସ୍ତଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିବା ବେଳେ ନିକଟରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ପାରାଦୀପ ଅଂଚଳର ବିଭିନ୍ନ କଲୋନୀ ଓ ବସ୍ତି ବାସିନ୍ଦାମାନେ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ । ପରିସ୍ଥିର ଗମ୍ଭିରତାକୁ ହୃଦୟଙ୍ଗମ କରି ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏନ୍‌ଓସି ଫାଉଣ୍ଡେସନ୍ ରାଜ୍ୟ ସଂଯୋଜିକା ଶୈଳେନ୍ଦ୍ରୀ ସେନାପତିଙ୍କ ନେତୃତ୍ୱରେ ଫାଉଣ୍ଡେସନର ସଭ୍ୟାମାନେ ଅଠରବାଙ୍କୀର ପ୍ରାଣନାଥ କଲୋନୀ, ଲେପ୍ରସି କଲୋନୀ, ମୁଣ୍ଡାପଡା ବସ୍ତି, ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମ ପ୍ରମୁଖ ସ୍ଥାନରେ ଚୁଡା, ଗୁଡ, ବିସ୍କୁଟ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିଥିଲେ। ସୁଚନା ଥାଉକି, କରୋନା ମହାମାରୀ ସମୟରେ ବିପଦକୁ ଖାତିର ନକରି ଏନ୍‌ଓସି ଫାଉଣ୍ଡେସନ୍‌ର ସଂଯୋଜିକା ଶ୍ରୀମତୀ ସେନାପତି ଏବଂ ତାଙ୍କର ସଦସ୍ୟା ମାନେ ସହରରେ ସଚେତନତା ସମେତ ନିଜସ୍ୱ ଆୟୋଜନରେ ସାଧାରଣରେ ମାସ୍କ, ସାନିଟାଇଜର ଏବଂ ରିଲିଫ୍ ସାମଗ୍ରୀ ଦୀର୍ଘ ଦିନ ବଂଟନ କରି ସାଧାରଣରେ ବେଶ୍ ପ୍ରଶଂସିତ ହୋଇଥିଲେ । ବିନା ସ୍ୱାର୍ଥରେ ସମାଜସେବା ପାଇଁ କାର୍ଯ୍ୟ କରୁଥିବା ଏହି ସଂସ୍ଥା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଭୁବନ ସିଏଚସିରେ ୬୧ ଜଣଙ୍କର ଆଁଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଁଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଁଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଁଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

## ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୂପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ । କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି । କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

## ସରସ୍ୱତୀ ଶିଶୁ ମନ୍ଦିର ଆନୁକୂଲ୍ୟରେ ଦହି ପଣା ବଣ୍ଟନ

ଭୁବନେଶ୍ୱର, (ପି.ଏନ): ଫୁଲନଖରା ବୟାଳିଶମୌଜା ଅନ୍ତର୍ଗତ ବେଣ୍ଟକାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ତରଫରୁ ପବିତ୍ର ରାମନବମୀ ଉପଲକ୍ଷେ ମା କନକଦୁର୍ଗା ଙ୍କ ମନ୍ଦିର ସମ୍ମୁଖରେ ଦହିପଣା ବଣ୍ଟନ କରାଯାଇଥିଲା । ଶିଶୁମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ତଥା ପରିଚ୍ାଳନା କମିଟିର ସମସ୍ତ କାଯ୍ୟକର୍ତା ଉପସ୍ଥିତ ରହିଥିଲେ । ଶହ ଶହ ବାଟୋଇ ଦହିପଣା ପାନ କରି ନିଜର ତୃଷ୍ଣା ମେଣ୍ଟାଇ ଥିଲେ । ଅନ୍ୟମାନଙ୍କ ମଧରେ ବିଜୟ ଭୂଷଣ ପତି, ମନୋରଂଜନ ଶତପଥି, ପ୍ରାଧାପକ ସେକ କଲିମୁଲ୍ଲା, ଦୀପ୍ତି ରଂଜନ ଶତପଥୀ, ରମେଶ ଜେନା, ଅନନ୍ତ ବେହେରା, କଲ୍ୟାଣି ଦାସ, ଚି୍ତ୍ରରେଖା ମହାନ୍ତି, ସସ୍ମିତା ସେନାପତି, ରୋଜାଳିନ ପଂଚ୍ାୟତ, ନମିତା ଦେବତା, ମୋନାଲିସା ମଲିକ, ରଶ୍ମିତା ଭୋଇ, ଅନିତା ଭୋଇ ପ୍ରମୁଖ କାଯ୍ୟକ୍ରମରେ ସହଜୋଗ କରିଥିଲେ ।

## ବାଲେଶ୍ୱର ସଦର ବିଧାନସଭା ଆସନ ଉପ ନିର୍ବାଚନ: ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ ପୋଷ୍ଟାଲ ବାଲଟ୍ ସୁବିଧା

ବାଲେଶ୍ୱର(ପିଏନ)-ବାଲେଶ୍ୱର ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପ- ନିର୍ବାଚନରେ ନିର୍ଦ୍ଦିଷ୍ଟ କିଛି ବର୍ଗର ବ୍ୟକ୍ତିବିଶେଷଙ୍କୁ ପୋଷ୍ଟାଲ ବାଲଟ୍ ସୁବିଧା ଯୋଗାଇ ଦିଆଯିବ । ଏ ସଂକ୍ରାନ୍ତରେ ଭାରତର ନିର୍ବାଚନ କମିଶନ ମାର୍ଗଦର୍ଶିକା ଜାରି କରିଛନ୍ତି । ପୂର୍ବରୁ କେବଳ ସରକାରୀ କର୍ମଚାରୀ ଏବଂ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତିବିଶେଷଙ୍କୁ ଏହି ସୁବିଧା ମିଳୁଥିବା ବେଳେ ବର୍ତମାନ ଆହୁରି ତିନୋଟି ବର୍ଗର ବ୍ୟକ୍ତିବିଶେଷଙ୍କୁ ଏହି ସୁବିଧା ପ୍ରଦାନ କରାଯିବ । କୋଭିଡ-୧୯ ନିମନ୍ତେ ସତର୍କତା ଅବଲମ୍ବନ ପୂର୍ବକ ଏହି ତିନୋଟି ବର୍ଗର ମତଦାତାମାନଙ୍କୁ ପୋଷ୍ଟାଲ ବାଲଟ୍ ଜରିଆରେ ମତଦାନ କରିବା ପାଇଁ ନିର୍ବାଚନ କମିଶନ ଅନୁମତି ପ୍ରଦାନ କରିଛନ୍ତି । ଏହି ତିନୋଟି ବର୍ଗ ହେଲେ ୧. ବରିଷ୍ଠ ନାଗରିକ(୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷ) ୨. ଦିବ୍ୟାଙ୍ଗ ବ୍ୟକ୍ତି ଯାହାଙ୍କ ନାମ ମତଦାତା ସୂଚୀରେ ଚିହ୍ନିତ ହୋଇଥିବ । ୩. କୋଭିଡ୍-୧୯ରେ ଆକ୍ରାନ୍ତ ବା କୋଭିଡ-୧୯ରେ ପୀଡିତ ହୋଇଥିବା ନେଇ ସନ୍ଦେହ କରାଯାଉଥିବା ବ୍ୟକ୍ତିବିଶେଷ । ଉପରୋକ୍ତ ତିନି ଶ୍ରେଣୀର ମତଦାତାମାନଙ୍କୁ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ପାଇଁ ଫର୍ମ-୧୨ଘ(୧୨ଡ) ରେ ରିଟର୍ଣ୍ଣିଂ ଅଧିକାରୀଙ୍କୁ ଆବେଦନ କରିବାକୁ ପଡିବ । ଏହି ଫର୍ମ ବୁଥସ୍ତରୀୟ ଅଧିକାରୀ(ବି.ଏଲ.ଓ)ମାନେ ବଂଟନ କରିବେ । ଏହି ତିନି ଶ୍ରେଣୀର ମତଦାତାମାନେ ଫର୍ମ ପୂରଣ କରି ବି.ଏଲ.ଓ.ମାନଙ୍କୁ ଫେରସ୍ତ କରିବେ। ଏହା ପରେ ସେମାନଙ୍କ ନାମରେ ପୋଷ୍ଟାଲ ବାଲଟ୍ ଜାରି କରାଯିବ । ଦ୍ୱିତୀୟରେ ପୋଷ୍ଟାଲ ବାଲଟ୍‌ଗୁଡିକୁ ଏହି ତିନି ଶ୍ରେଣୀର ମତଦାତାଙ୍କ ପାଖରେ ଜଣେ ବି.ଏଲ.ଓ. ବା ଅନ୍ୟାନ୍ୟଅଧିକାରୀଙ୍କ ଜରିଆରେ ସେମାନଙ୍କ ଘରେ ପହଂଚାଇବାର ବ୍ୟବସ୍ଥା କରାଯିବ, ଯେଉଁଥିରେ ସେମାନେ ମତଦାନ କରିବା ସହିତ ଲଫାପାରେ ସିଲ୍ କରି ସମ୍ପୃକ୍ତ ଅଧିକାରୀମାନଙ୍କ ମାଧ୍ୟମରେ ଫେରାଇ ପାରିବେ । ତାଙ୍କ ଘରକୁ ଅଧିକାରୀମାନେ ଯାଇ ଏହାକୁ ସଂଗ୍ରହ କରିବେ । ପୋଷ୍ଟାଲ ବାଲଟ୍ ଗ୍ରହଣ କରିବା ପାଇଁ ବି.ଏଲ.ଓ. କିମ୍ବା ଅନ୍ୟାନ୍ୟ ଅଧିକାରୀମାନେ ୨ଥର ମତଦାତାଙ୍କ ଘରକୁ ଯିବେ । ସେହି ୨ ଥର ମଧ୍ୟରେ ମତଦାତାମାନେ ତାଙ୍କର ପୋଷ୍ଟାଲ ବାଲଟ୍ ପୂରଣ କରି ଫେରସ୍ତ କରିବା କାର୍ଯ୍ୟ ଯେପରି ସମାପନ କରିବେ, ତାହାକୁ ସୁନିଶ୍ଚିତ କରିବେ । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ବାଲେଶ୍ୱରଙ୍କ ତରଫରୁ ମତଦାତାମାନଙ୍କୁ ସୂଚୀତ କରାଯାଉଛି ଯେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ବାଧ୍ୟତାମୂଳକ ନୁହେଁ । ଦ୍ୱିତୀୟତଃ ଏହା ମଧ୍ୟ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଥରେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ ପାଇଁ ସମ୍ମତି ପ୍ରଦାନ କରିବା ପରେ ସେହି ବ୍ୟକ୍ତିବିଶେଷ ପୋଲିଂ ବୁଥରେ ଯାଇ ଭୋଟ୍ ଦେଇପାରିବେ ନାହିଁ । ନିର୍ବାଚନ ପାଇଁ ବିଜ୍ଞପ୍ତି ଆସନ୍ତା ଅକ୍ଟୋବର ୯ତାରିଖରେ ପ୍ରକାଶ ପାଇବାକୁ ଥିବା ବେଳେ ପୋଷ୍ଟାଲ ବାଲଟ୍ ପାଇଁ ଫର୍ମ-୧୨ଘ(୧୨ଡ)କୁ ବୁଥସ୍ତରୀୟ ଅଧିକାରୀ(ବି.ଏଲ.ଓ) ବା ଅନ୍ୟାନ୍ୟ ଅଧିକାରୀ ୯ତାରିଖରୁ ୧୩ତାରିଖ ମଧ୍ୟରେ ଉପରବର୍ଣ୍ଣିତ ବର୍ଗର ମତଦାତାମାନଙ୍କୁ ବଂଟନ କରିବା ସହ ଦରଖାସ୍ତଗୁଡିକୁ ସଂଗ୍ରହ କରିବେ । ପୋଷ୍ଟାଲ ବାଲଟ୍ ବ୍ୟବସ୍ଥାର ସୁପରିଚାଳନା ପାଇଁ ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀ ହରିଶ ଚନ୍ଦ୍ର ଜେନାଙ୍କୁ ନୋଡାଲ୍ ଅଫିସର ଭାବେ ଦାୟିତ୍ୱଦିଆଯାଇଛି । ଏ ସମ୍ପର୍କରେ କୌଣସି ସନ୍ଦେହ ଥିଲେ ତାଙ୍କ ମୋ. ନମ୍ବର-୯୪୩୭୧୭୪୫୧୩ରେ ଯୋଗାଯୋଗ କରିବାକୁ କୁହାଯାଇଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ସମସ୍ତ ରାଜନୈତିକ ଦଳ ଓ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି ।

## ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଙ୍ଗସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଙ୍ଗସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା । ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧ୍ୟାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରୀୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି । ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ ।

## କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୃଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ାୟତ ସମେତ ମଳଦା, ପୁଳଝର, କୁମୁଣ୍ଡି, ଶୁଆକାଟି, ବାଂଶପାଳ ଆଦି ପ ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୂଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭି ିହୀନ ଅଭିଯୋଗ କରି କାରଖାନା କ ୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉେ ଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ, ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

## ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ, ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ, ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ, ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାନସିଲର ମାୟାଧର ଗୁରୁ, ପବିତ୍ର ସାହୁ, ଗଣେଶ୍ୱର ନାୟକ, ସୁଶାନ୍ତ ନାୟକ, ସନ୍ତୋଷ ରାଉଳ, ନିରଂଜନ ଗୁରୁ, ମଳୟ ତ୍ରିପାଠୀ, ଜଗବନ୍ଧୁ ଗୁରୁ, ଅଜିତ ସାହୁ, ସଂଜୟ ଗୁରୁ, ନାରୀନେତ୍ରୀ ସରୋଜିନୀ ରଣା, ଅମ୍ବିକା ବେଜ, ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା, ମୃଦଙ୍ଗା ସରପଂଚ ଅଶୋକ ଦତ, ମହୁଲପାଳ ସରପଂଚ ମମତା ସାହୁ, ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Tuesday April 08 | ଭୁବନେଶ୍ୱର ମଙ୍ଗଳବାର, ୦୮, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ଧାମରା ପୋର୍ଟରେ ଜାତୀୟ ନୌବାଣିଜ୍ୟ ଦିବସ



ଧାମରା,(ପି.ଏନ): ଭାରତର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ଓ ନୌବାଣିଜ୍ୟ, ସୁରକ୍ଷାରେ ସାମୁଦ୍ରିକ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଏପ୍ରିଲ ୫ ତାରିଖରେ ଜାତୀୟ ନୌବାଣିଜ୍ୟ ଦିବସ ପାଳିତ ହୋଇଆସୁଅଛି । ଭାରତର ବାଣିଜ୍ୟ, ଅର୍ଥନୀତି ଏବଂ ସୁରକ୍ଷାରେ ସାମୁଦ୍ରିକ କ୍ଷେତ୍ରର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ନୌବାଣିଜ୍ୟ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଭାରତ ବ୍ରିଟିଶ ଶାସନ ଅଧିନରେ ଥିବାବେଳେ ୧୯୧୯ ମସିହାରେ ସିନ୍ଧିଆ ଷ୍ଟିମ୍‌ସିପ୍ କମ୍ପାନୀର ମାଲିକାନାରେ ଥିବା ଭାରତୀୟ ଜାହାଜ ଏମ୍‌ଭି ଏସ୍‌ଏସ୍ ଲୟାଲିଟୀ ପ୍ରଥମ ଥର ବମ୍ବେରୁ ଲଣ୍ଡନ ପର୍ଯ୍ୟନ୍ତ ଯାତ୍ରା କରିଥିଲା । ଏହାର ବହୁବର୍ଷ ପରେ ୧୯୬୪ ମସିହା ଏପ୍ରିଲ ୫ ତାରିଖରେ ଭାରତୀୟ ଜାହାଜଗୁଡ଼ିକ ମୋଟ ୧ ନିୟୁତ ପଞ୍ଜିକୃତ ଟନ୍ (ଜିଆର୍‌ଟି) ଛୁଇଁଥିଲା ଯଦ୍ୱାରା ସରକାରଙ୍କ ତରଫରୁ ଏହି ଦିନକୁ ଜାତୀୟ ନୌବାଣିଜ୍ୟ ଦିବସ ଭାବେ ଘୋଷଣା କରାଗଲା । ଏହିକ୍ରମରେ ଆଦାନୀ ଧାମରା ପୋର୍ଟରେ ମଧ ଜାତୀୟ ନୌବାଣିଜ୍ୟ ଦିବସ ପାଳିତ ହୋଇଯାଇଛି । ନୌବାଣିଜ୍ୟ ଶିଳ୍ପର ବିଭିନ୍ନ ଅଂଶୀଦାର, ଗ୍ରାହକ, ନାବିକମାନଙ୍କୁ ଶିଳ୍ପ ପ୍ରତି ସେମାନଙ୍କର ଅଟଳ ପ୍ରତିବଦ୍ଧତା ପାଇଁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ପୋର୍ଟରେ ଆନ୍ତଃ ବିଭାଗୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, କ୍ୱିଜ୍ ପୁରୁଷ ଓ ମହିଳା ବ୍ୟାଡମିଣ୍ଟନ ଆଦି ବିଭିନ୍ନ ପ୍ରକାର ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବ ଏବଂ ସଙ୍ଗୀତ ସନ୍ଧ୍ୟାରେ ଡ୍ରେଜିଂ କର୍ପୋରେସନ ଅଫ୍ ଇଣ୍ଡିଆର ପୂର୍ବତନ ଅଧ୍ୟକ୍ଷ କ୍ୟାପଟେନ୍ ଡି.କେ ମହାନ୍ତି, ଡିଜି ସିପିଂର ଏମ୍‌ଏମ୍‌ଡି ସର୍ଭେୟର ପି.ସି ମାଝୀ, ଜାହାଜ ଅଧିକାରୀ ଏବଂ ସହଯୋଗୀ, କଷ୍ଟମ ଓ ଇମିଗ୍ରେସନ ଅଧିକାରୀ, ସୁରକ୍ଷା ଅଧିକାରୀଗଣ, ସାମୁଦ୍ରିକ ଥାନାର ପୋଲିସ ଅଧିକାରୀଗଣ ପ୍ରମୁଖ ଉପସ୍ଥିତ ଥିଲେ । ଆଦାନୀ ଡିଏଭି ପବ୍ଲିକ ସ୍କୁଲ ଏବଂ ସ୍ଥାନୀୟ ସରକାରୀ ସ୍କୁଲରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।

## ପାରାଦୀପ ସାହିତ୍ୟ ସଂସଦର ସାହିତ୍ୟ ଆସର ଶବ୍ଦ ସମୁଦ୍ର- ସମ୍ବର୍ଦ୍ଧନା ଓ କବିତା ପାଠୋତ୍ସବ

ପାରାଦୀପ,(ପି.ଏନ): ପାରାଦୀପର ପୁରାତନ ସାହିତ୍ୟ ଅନୁଷ୍ଠାନ ପାରାଦୀପ ସାହିତ୍ୟ ସଂସଦ ପକ୍ଷରୁ ରବିବାର ଦିନ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଓ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି । ସଂସଦର ସଭାପତି ସବିତା ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହ ଶବ୍ଦ ସମୁଦ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ କବି ଡ. ଅପର୍ଣ୍ଣା ମହାଁ ଯୋଗ ଦେଇଥିଲେ । ନିମନ୍ତ୍ରିତ ଅତିଥି ଭାବେ ନଗରପାଳ ବସ୍ତ ବିଶ୍ୱାଳ, ସାହିତ୍ୟିକ ରବି ସ୍ୱାଇଁ, ଗାଳ୍ପିକ ରବି ପଣ୍ଡା, ଡ. ସୁରେନ୍ଦ୍ର ମୋହନ ମିଶ୍ର, କାନମାସର ସଭାପତି ଅତୁଲ୍ୟ କୁମାର ମହାପାତ୍ର, ସ୍ତମ୍ଭକାର ଅକ୍ଷୟ କୁମାର ରାଉତ ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକମାନଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ନଗେନ୍ଦ୍ର ନାଥ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂସଦର କୋଷାଧ୍ୟକ୍ଷ ସଂଜୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବି ଓ କବୟତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ ।

# ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ସଂଗ୍ରହ କରିବ ଆଇଆଇଏଫ୍ଏଲ ଫାଇନାନ୍ସ

ଭୁବନେଶ୍ୱର,(ପି.ଏନ) : ଏକ ଅଗ୍ରଣୀ ଅଣବ୍ୟାଙ୍କିଙ୍ଗ ଫାଇନାନ୍ସିଆଲ କମ୍ପାନୀ (ଏନବିଏଫସି) , ଆଇଆଇଏଫଏଲ ଫାଇନାନ୍ସ ଲିମିଟେଡ ପ୍ରକାଶ କରିଛି ଯେ, ଏହା ବାର୍ଷିକ ୧୦.୨୫% ପର୍ଯ୍ୟନ୍ତ କୁପନ ପ୍ରଦାନ କରୁଥିବା ବଣ୍ଡଗୁଡିକର ସାର୍ବଜନିନ ଇସ୍ୟୁ ମାଧ୍ୟମରେ ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ସଂଗ୍ରହ କରିବ । ଏହି ସଂଗୃହୀତ ପାଣ୍ଠିକୁ ଭବିଷ୍ୟତର ଋଣ, ବିତୀୟ ଓ ସାଧାରଣ କର୍ପୋରେଟ ଉଦ୍ଦେଶ୍ୟଗୁଡିକ ପାଇଁ ବ୍ୟବହାର କରାଯିବ । ଏନସିଡିଗୁଡିକୁ କ୍ରିସିଲ ରେଟିଂସ ଲିମିଟେଡ ଓ ଆଇସିଆରଏ ଲିମିଟେଡ ((ଆଇସିଆରଏ) ଏଏ (ଷ୍ଟେବୁଲ)' ଦ୍ୱାରା 'କ୍ରିସିଲ ଏଏ/ଷ୍ଟେବୁଲ' ରେଟିଂ ଦିଆଯାଇଛି । ଏହି ରେଟିଂଗୁଡିକ ସହ ଋଣସ୍ୱୀକାର ପତ୍ରଗୁଡିକୁ ଆର୍ଥିକ ନିୟମଗୁଡିକର ଧାର୍ଯ୍ୟ ସମୟରେ ଅନୁପାଳନ ସମ୍ପର୍କରେ ସର୍ବାଧିକ ସୁରକ୍ଷା ଭାବେ ବିବେଚନା କରାଯାଇଥାଏ । ଏଭଳି ଋଣପତ୍ରଗୁଡିକ ଖୁବ କମ କ୍ରେଡିଟ ରିସ୍କ ବହନ କରିଥାନ୍ତି । ଏହି ଇସ୍ୟୁ ଆସନ୍ତା ସୋମବାର ଏପ୍ରିଲ ୭ ତାରିଖ ୨୦୨୫ରେ ଖୋଲିବ ଏବଂ ବୁଧବାର ଏପ୍ରିଲ ୨୩ ତାରିଖ ୨୦୨୫ରେ ବନ୍ଦ ହେବ । ଆଇଆଇଏଫଏଲ ଫାଇନାନ୍ସ ୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ (ଗ୍ରୀନ ସୁ ଅପ୍‌ସନ) ଓଭର-ସବ୍‌ସ୍କ୍ରିପଶନ ବଜାୟ ରଖିବା ପାଇଁ ଏକ ବିକଳ୍ପ ସହିତ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ (ବେସ ଇସ୍ୟୁ ସାଇଜ) ଏନ୍‌ସିଡି ଇସ୍ୟୁ କରିବ, ଯାହାର ମୋଟ ମୂଲ୍ୟ ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି । ସିରିଜ ଆଇଏକ୍ସ ଅଧିନରେ ଏହି ଏନସିଡିଗୁଡିକ ୬୦ ମାସ ଅବଧି ପାଇଁ ବାର୍ଷିକ ୧୦.୨୪%ର ସର୍ବାଧିକ ପ୍ରଭାବୀ ରିଟର୍ଣ୍ଣ ପ୍ରଦାନ କରୁଛନ୍ତି । ଏନସିଡିଗୁଡିକ ୧୫ ମାସ, ୨୪ ମାସ, ୩୬ ମାସ ଓ ୬୦ ମାସର ଅବଧିରେ ଉପଲବ୍ଧ ରହିଛି । ସୁଧ ପରିଶୋଧର ବାରମ୍ବାରତା ମାସିକ, ବାର୍ଷିକ ଓ କ୍ରମବର୍ଦ୍ଧନଶୀଳ ଆଧାରରେ ଉପଲବ୍ଧ ରହିଛି । ଆଇଆଇଏଫଏଲ ଫାଇନାନ୍ସ ହେଉଛି ଆରବିଆଇ ସହ ପଞ୍ଜୀକୃତ ହୋଇଥିବା ଏକ ଏନବିଏଫସି-ଏମଏଲ (ଏନବିଏଫସି-ମିଡିଲ ଲେୟର), ଯାହା ଏହାର ବିସ୍ତୃତ ଶୃଙ୍ଖଳାର ଉତ୍ପାଦଗୁଡିକ ସହ ଏକ ବିବିଧ ଗ୍ରାହକ ଆଧାରର ଋଣ ଆବଶ୍ୟକତା ପୂରଣ କରୁଛି । ଆଇଆଇଏଫଏଲ ଫାଇନାନ୍ସ ଓ ଏହାର ସହାୟକ କମ୍ପାନୀଗୁଡିକ ଗୃହ ଋଣ, ସୁନା ଋଣ, ଏମଏସଏମଇ ସିକ୍ୟୋର୍‌ଡ ଲୋନ, ଏମଏସଏମଇ ଅନସିକ୍ୟୋର୍‌ଡ ଲୋନ, ପର୍ସନାଲ ଲୋନ, ସପ୍ଲାଇ ଚେନ ଫାଇନାନ୍ସ, ମାଇକ୍ରୋଫାଇନାନ୍ସ, କନ୍‌ଷ୍ଟ୍ରକଶନ ଓ ରିଅଲ ଇଷ୍ଟେଟ ଫାଇନାନ୍ସ ଏବଂ କ୍ୟାପିଟାଲ ମାର୍କେଟ ଫାଇନାନ୍ସ ଆଦି ପ୍ରଦାନ କରୁଛି ଯାହା ଉଭୟ ରିଟେଲ ଓ କର୍ପୋରେଟ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିଥାଏ । ଏହି ଇସ୍ୟୁ ପାଇଁ ଲିଡ ମ୍ୟାନେଜର ହେଉଛନ୍ତି ଟ୍ରଷ୍ଟ ଇନ୍‌ଭେଷ୍ଟମେଂଟ ଆଡଭାଇଜର୍ସ ପ୍ରାଇଭେଟ ଲିମିଟେଡ, ନୁଭାମା ୱେଲ୍‌ଥ ମ୍ୟାନେଜମେଂଟ ଲିମିଟେଡ, ଆଇଆଇଏଫଏଲ କ୍ୟାପିଟାଲ ସର୍ଭିସେସ ଲିମିଟେଡ (ପୂର୍ବରୁ ଆଇଆଇଏଫଏଲ୍ ସିକ୍ୟୁରିଟିଜ ଲିମିଟେଡ ଭାବେ ପରିଚିତ) । ଏହାର ଏନସିଡିଗୁଡିକୁ ନିବେଶକଙ୍କୁ ତରଳତା ପ୍ରଦାନ କରିବା ପାଇଁ ବିଏସଇ ଲିମିଟେଡ (ବିଏସଇ) ଓ ନ୍ୟାଶନାଲ ଷ୍ଟକ ଏକ୍ସଚେ ଅଫ୍ ଇଣ୍ଡିଆ ଲିମିଟେଡ (ଏନଏସଇ)ରେ ତାଲିକାଭୁକ୍ତ କରାଯିବ । ଏହି ଏନସିଡିଗୁଡିକୁ ୧୦୦୦ ଟଙ୍କାର ଫେସ୍ ଭାଲ୍ୟୁରେ ଇସ୍ୟୁ କରାଯିବ ଏବଂ ସମସ୍ତ ବର୍ଗରେ ସର୍ବନିମ୍ନ ଆପ୍ଲିକେଶନ ସାଇଜ ୧୦,୦୦୦ ଟଙ୍କା ରହିଛି । ଏହାର ଆବଂଟନ ପ୍ରଥମେ ଆସ, ପ୍ରଥମେ ପାଅ ଭିତିରେ କରାଯିବ ।

# ବଦରାଜ ସିମେଂଟକୁ ଅଧିଗ୍ରହଣ ପାଇଁ ଏନ୍‌ସିଏଲଟିର ମୁରୀ ହାସଲ କରିଛି ନୁଭୋକୋ ଭିସ୍ତାସ

ଭୁବନେଶ୍ୱର,(ପି.ଏନ) : ବଦରାଜ ସିମେଂଟ ଲିମିଟେଡ (ଭିସିଏଲ)କୁ ଅଧିଗ୍ରହଣ କରିବା ପାଇଁ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ ଦାଖଲ କରିଥିବା ରିଜୋଲ୍ୟୁଶନ ପ୍ଲାନକୁ ଅନୁମୋଦନ ମିଳିଯାଇଛି । ଇନ୍‌ସଲଭେନ୍ସି ଓ ବ୍ୟାଙ୍କରପ୍ସି କୋଡ, ୨୦୨୬ (ଆଇବିସି) ଅଧିନରେ କର୍ପୋରେଟ ଇନ୍‌ସଲ୍‌ଭେନ୍ସି ରିଜୋଲ୍ୟୁଶନ ପ୍ରକ୍ରିୟାରେ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନସିଏଲଟି)ର ମୁମ୍ବାଇ ବେଂଚ ପକ୍ଷରୁ ଏନେଇ ଏକ ଆଦେଶ ଜାରି କରାଯାଇଛି । ଏହି ରିଜୋଲ୍ୟୁଶନ ପ୍ଲାନରେ ୧୮୦୦ କୋଟି ଟଙ୍କାର ଏକ ଅଗ୍ରୀମ ପେମେଂଟ ସାମିଲ ରହିଛି । ନୁଭୋକୋ ଏହାର ମୋଟ ଋଣ ସ୍ତରରେ ବିନା କୌଣସି ଗୁରୁତ୍ୱପୂର୍ଣ୍ଣ ବୃଦ୍ଧିରେ ଏହି ଫଣ୍ଡ ଦେବାକୁ ଚାହୁଁଛି । ନୁଭୋକୋ ଭିସ୍ତାସ କର୍ପୋରେଶନର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ଏକ ସହାୟକ ସଂସ୍ଥା ବନ୍ୟ କର୍ପୋରେଶନ ପ୍ରାଇଭେଟ ଲିମିଟେଡ (ବନ୍ୟ) ମାଧ୍ୟମରେ ଏହି ଅଧିଗ୍ରହଣ କାର୍ଯ୍ୟକାରୀ କରାଯିବ । ପରବର୍ତୀ ସମୟରେ ବନ୍ୟକୁ, ଭିସିଏଲ ସହ ମିଶ୍ରଣ କରାଯିବ, ଯେପରି ରିଜୋଲ୍ୟୁଶନ ପ୍ଲାନରେ ଉଲ୍ଲେଖ କରାଯାଇଥିଲା । ଏହି ମିଶ୍ରଣ ପରେ ଭିସିଏଲ କମ୍ପାନୀର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ଏକ ସହାୟକ କମ୍ପାନୀରେ ପରିଣତ ହେବ । ନୁଭୋକୋ ଗତ ୭ ବର୍ଷ ହେବ ସ୍ଥଗିତ ହୋଇ ରହିଥିବା ସମ୍ପତିଗୁଡିକୁ ପରିଚାଳନାକ୍ଷମ କରିବା ପାଇଁ ଅତିରିକ୍ତ ୧୦୦୦ରୁ ୧୨୦୦ କୋଟି ଟଙ୍କା ନିବେଶ କରିବ । ଭିସିଏଲ ପ୍ଲାଂଟଗୁଡିକରେ ବ୍ୟବସ୍ଥାକୁ ପରିଚାଳନା କରିବା ଏବଂ ପରିଚାଳନାଗତ ସୁଧାରକୁ କାର୍ଯ୍ୟକାରୀ କରିବା ଦିଗରେ କ୍ରେଡିଟର କମିଟି ଦ୍ୱାରା ପ୍ରକୃତ ହସ୍ତାନ୍ତରଣ ତାରିଖରୁ ୧୫ରୁ ୧୮ ମାସ ମଧ୍ୟରେ ଏକ ପର୍ଯ୍ୟାୟବଦ୍ଧ ନିବେଶ କରାଯିବ । ଉତ୍ପାଦନ ଆରମ୍ଭ କରିବା ପାଇଁ ଆନୁମାନିକ ସମୟ ୨୦୨୭ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ରହିଛି । ଭିସିଏଲର ଫ୍ୟାସିଲିଟିଗୁଡିକରେ ଗୁଜରାଟର କଚ୍ଛଠାରେ ୩.୫ ଏମଏମଟିପିଏ (୧୦୦୦୦ ଟିପିଡି)ର ଏକ କ୍ଲିଙ୍କର ୟୁନିଟ, ଗୁଜରାଟର ସୁରଟଠାରେ ଏକ ୬ ଏମଏମଟିପିଏର ଗ୍ରାଇଣ୍ଡିଂ ୟୁନିଟ ସାମିଲ ରହିଛି । ଏହାଛଡା ଭିସିଏଲର ଏକ ଉଚ୍ଚମାନର ଲାଇମଷ୍ଟୋନ ରିଜର୍ଭ ରହିଛି, ଯାହା ଭବିଷ୍ୟତର ଉତ୍ପାଦନ ପାଇଁ କଂଚାମାଲର ନିରବଚ୍ଛିନ୍ନ ଓ ସ୍ଥାୟୀ ଯୋଗାଣକୁ ସୁନିଶ୍ଚିତ କରୁଛି । କଚ୍ଛଠାରେ ଥିବା କ୍ୟାପ୍ଟିଭ ଜେଟି ପରିବହନ ଦକ୍ଷତାକୁ ବୃଦ୍ଧି କରୁଛି । ଏହି ଅଧିଗ୍ରହଣ ସହିତ ନୁଭୋକୋର ମୋଟ ସିମେଂଟ ଉତ୍ପାଦନ କ୍ଷମତା ୩୧ ଏମଏମଟିପିଏକୁ ବୃଦ୍ଧି ହେବା ପାଇଁ ପ୍ରସ୍ତୁତ ରହିଛି, ଯାହା ଦୀର୍ଘାବଧିରେ ଭାରତରେ ୫ମ ସର୍ବବୃହତ ସିମେଂଟ ଗ୍ରୁପ ଭାବେ ଏହାର ସ୍ଥିତିକୁ ମଜବୁତ କରୁଛି । ଏହି ଅନୁମୋଦନ ସମ୍ପର୍କରେ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଜୟାକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, 'ଏହି ଡିଲ ଭାରତୀୟ ସିମେଂଟ ଶିଳ୍ପରେ ୫ମ ସର୍ବବୃହତ ସିମେଂଟ ଗ୍ରୁପ ଭାବେ ଆମର ସ୍ଥିତିକୁ ସୁଦୃଢ କରିଛି । ଏହା ପରିବହନ ଦକ୍ଷତାରେ ଉନ୍ନତି, ଶୃଙ୍ଖଳିତ ପରିଚାଳନା ଓ ଉନ୍ନତ ପ୍ରତିଯୋଗୀପୂର୍ଣ୍ଣତାକୁ ଆଗକୁ ବଢାଇବ, କମ୍ପାନୀକୁ ଉତମ ବଜାର ପହଂଚ ଏବଂ ପ୍ରମୁଖ ଅଂଚଳଗୁଡିକରେ ଏକ ମଜବୁତ ଯୋଗାଣ ଶୃଙ୍ଖଳା ପ୍ରଦାନ କରିବ । ଏହା ଆମକୁ ଏକ ପ୍ରତିଯୋଗୀପୂର୍ଣ୍ଣ; ଓ ଗତିଶୀଳ ବଜାରରେ ଆମର ଗ୍ରାହକଙ୍କୁ ଉନ୍ନତ ମୂଲ୍ୟ ଓ ସେବା ପ୍ରଦାନ କରିବା ପାଇଁ ସକ୍ଷମ କରିବ ।'

# ସୋନାଲିକାର ସର୍ବାଧିକ ବାର୍ଷିକ ଟ୍ରାକ୍ଟର ବିକ୍ରି ରେକର୍ଡ



ଭୁବନେଶ୍ୱର,(ପି.ଏନ): ଅଗ୍ରଣୀ ଟ୍ରାକ୍ଟର ଓ କୃଷି ଯନ୍ତ୍ରପାତି ବ୍ରାଣ୍ଡ, ସୋନାଲିକା ଓ ସୋଲିସ୍‌ର ମାଲିକାନା କମ୍ପାନୀ ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ (ଆଇଟିଏଲ) ୨୦୨୪-୨୫ ଆର୍ଥିକ ବର୍ଷକୁ ଉଲ୍ଲେଖନୀୟ ସଫଳତା ସହ ଶେଷ କରିଛି । ଏହି ଆର୍ଥିକ ବର୍ଷରେ କମ୍ପାନୀ ସର୍ବାଧିକ ୧୫୩,୭୬୪ଟି ଟ୍ରାକ୍ଟର ବିକ୍ରି କରିଥିବା ବେଳେ ୧୪.୮%ର ମୋଟ ବଜାର ଅଂଶ ହାସଲ କରିଛି । ଏଥିରେ ଘରୋଇ ବଜାରରେ ଆଇଟିଏଲର ସର୍ବୋତମ ପ୍ରଦର୍ଶନ ସାମିଲ ରହିଛି ଏବଂ ଏହା ସୋନାଲିକାର ହେଭି ଡ୍ୟୁଟି ଟ୍ରାକ୍ଟର ରେ କାରଣରୁ ସମ୍ଭବପର ହୋଇଛି । ଏହି ଆର୍ଥିକ ବର୍ଷରେ ଆଇଟିଏଲ ଗ୍ରୁପ ଫର୍ଚ୍ୟୁନ ୫୦୦ ଇଣ୍ଡିଆ ଦ୍ୱାରା ଭାରତର ଶୀର୍ଷ ୧୦ଟି ଅଟୋ ବ୍ରାଣ୍ଡ ମଧ୍ୟରେ ସ୍ଥାନିତ ହୋଇଛି । କମ୍ପାନୀ ପ୍ରଥମ ଥର ପାଇଁ ଏହି ପ୍ରତିଷ୍ଠିତ ତାଲିକାରେ ପ୍ରବେଶ କରିଛି । ଏହା ଭାରତର ଶୀର୍ଷ ୫୦୦ଟି ସର୍ବବୃହତ କମ୍ପାନୀଗୁଡିକ ମଧ୍ୟରେ ୨୩୭ତମ ର୍ୟାଙ୍କରେ ରହିଛି । ଆଇଟିଏଲର ଏହି ସଫଳତା ସମ୍ପର୍କରେ ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ରମଣ ମିତଲ କହିଛନ୍ତି, '୨୦୨୫ ଆର୍ଥିକ ବର୍ଷରେ କୃଷକଙ୍କ ପ୍ରକୃତ ସାଥୀ ହେବା ପାଇଁ ଆମର ସଙ୍କଳ୍ପବଦ୍ଧତା ଆମକୁ ୧୫୩,୭୬୪ର ସର୍ବୋଚ୍ଚ ବାର୍ଷିକ ଟ୍ରାକ୍ଟର ବିକ୍ରି ଓ ୧୪.୮%ର ମୋଟ ବଜାର ଅଂଶ ହାସଲ କରିବାରେ ସାହାଯ୍ୟ କରିଛି । ଏହି ସଫଳତା ଏଭଳି ଏକ ବର୍ଷର ଶେଷକୁ ଚିହ୍ନିତ କରିଛି ଯାହା ଆମକୁ ଫର୍ଚ୍ୟୁନ ୫୦୦ ଇଣ୍ଡିଆର ସର୍ବବୃହତ କମ୍ପାନୀ ତାଲିକା ଓ ଭାରତରେ ଶୀର୍ଷ ୧୦ଟି ଅଟୋ ବ୍ରାଣ୍ଡ ତାଲିକାରେ ସ୍ଥାନିତ କରିଛି । ଅଭିନବ ଟେକ୍ନୋଲୋଜି ଟ୍ରାକ୍ଟର, ମଜବୁତ ଉତ୍ପାଦ ଅପ୍‌ଗ୍ରେଡ ଓ କୃଷକଙ୍କ ସହ ସଂଯୋଗ ସହିତ ଆମେ ନିଶ୍ଚିତ ରୂପେ ବିଭିନ୍ନ ଅଂଚଳରେ କୃଷକଙ୍କ ପାଇଁ ଶୀର୍ଷ ବିକଳ୍ପରେ ପରିଣତ ହୋଇଛି । 'ଗ୍ରାହକଙ୍କୁ ପ୍ରାଥମିକତା ଦେବା ଓ ଉଦ୍ଭାବନ ଜାରି ରଖିବାର ଆଇଟିଏଲର ଅନ୍ତର୍ନିହିତ ମୂଲ୍ୟବୋଧ କମ୍ପାନୀକୁ ନିର'ର ଆଗକୁ ବଢାଉଛି । ୱାନ ନ୍ୟାଶନ-ୱାନ ଟ୍ରାକ୍ଟର-ୱାନ ପ୍ରାଇସ ଓ କମ୍ପାନୀ ୱେବସାଇଟରେ ଟ୍ରାକ୍ଟର ମୂଲ୍ୟ ପ୍ରଦର୍ଶିତ କରିବା ଭଳି ସୋନାଲିକାର ବୈପ୍ଳବିକ ପଦକ୍ଷେପଗୁଡିକ ଏହାର ଗ୍ରାହକଙ୍କ ପାଇଁ ନିରପେକ୍ଷତା, ବିଶ୍ୱାସ ଓ ସ୍ୱଚ୍ଛତା ସୁନିଶ୍ଚିତ କରିଛି । ସେହିପରି ଆଇଟିଏଲ୍ ପାବର ହୋସିଆରପୁରରେ ଥିବା ଏହାର ବିଶ୍ୱର ଏକ ନମ୍ବର ଇଂଟିଗ୍ରେଟେଡ ଓ ରୋବୋଟିକ ଟ୍ରାକ୍ଟର ପ୍ଲାଂଟରୁ ଉତ୍ପାଦନ କରୁଥିବା ସମସ୍ତ ପ୍ରକାରର ଟ୍ରାକ୍ଟରଗୁଡିକ କୃଷକଙ୍କ ପାଇଁ ସମ୍ପୂର୍ଣ୍ଣ ସନ୍ତୁଷ୍ଟି ପ୍ରଦାନ କରୁଛନ୍ତି ।

# ଆଦାନୀ ଡିଏଭି ପବ୍ଲିକ ସ୍କୁଲର ୧୪ତମ ପ୍ରତିଷ୍ଠା ଦିବସ ପାଳିତ



ଧାମରା, (ପି.ଏନ): ଆଦାନୀ ଡିଏଭି ପବ୍ଲିକ ସ୍କୁଲର ୧୪ତମ ପ୍ରତିଷ୍ଠା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ମୁନମୁନ ରାଣୀ ଦୀପ୍ ସ୍ୱାଗତ ଭାଷଣ ଦେବା ସଙ୍ଗେ ସଙ୍ଗେ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ତଥା ସୁନାମଧନ୍ୟ ଶିକ୍ଷାବିତ୍ ଓ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । କେନ୍ଦୁଝର ବୌଲା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବ ଚରଣ ଖମୁରାଇ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । କର୍ମ, ଧର୍ମ, ଭାବନା ଛାତ୍ର ଜୀବନର ମୂଳମନ୍ତ୍ର ବୋଲି ମୁଖ୍ୟଅତିଥି ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ କହିଥିଲେ । ପ୍ରକୃତି, ବିକୃତି ଓ ସଂସ୍କୃତି ମାଧ୍ୟମରେ ମୁଖ୍ୟବକ୍ତା ଶ୍ରୀ ଖମୁରାଇ ଅନେକ ଶିକ୍ଷଣୀୟ ତଥ୍ୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହ ବିଦ୍ୟାଳୟରେ ଯଜ୍ଞ ଆୟୋଜନ କରାଯାଇଥିଲା । ଶିକ୍ଷକ ସାନୁଜ କୁମାର ଜେନା ଏବଂ ବିଦ୍ୟାଳୟର ପୁରାତନ କର୍ମଚାରୀ ସରସ୍ୱତୀ ମାଇତି, ରାଧାକୃଷ୍ଣ ଦାସ ଓ ପ୍ରମିଳା ପଣ୍ଡାଙ୍କ ବିଦ୍ୟାଳୟ ପ୍ରତିଷ୍ଠା ସମୟର ଅନୁଭୂତି ବର୍ଣ୍ଣନା ଥିଲା ଅତ୍ୟନ୍ତ ରୋମାଞ୍ଚକର । ବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ । ଜୀବନର ଲକ୍ଷ୍ୟ ହାସଲ କରିବା ପାଇଁ ସର୍ବଦା କର୍ତ୍ତବ୍ୟ ପଥରେ ଅଗ୍ରସର ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ ବିଦ୍ୟାଳୟ ଅଧ୍ୟକ୍ଷା କୃଷ୍ଣପ୍ରିୟା ଷଡଙ୍ଗୀ । ବିଦ୍ୟାଳୟ ପ୍ରତି ନିଷ୍ଠ ଓ ଭକ୍ତି ପ୍ରଦର୍ଶନ ପୂର୍ବକ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । ଶିକ୍ଷକ ଆକାଶଦୀପ ବାନାର୍ଜୀ, ଶିକ୍ଷୟିତ୍ରୀ ଉତ୍କଳିକା ପ୍ରିୟଦର୍ଶିନୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବାତ୍ୟା ବିଜୟିନୀ ଧନ୍ୟବାଦ ଅର୍ପଣ କରିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray